

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୮ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 AUGUST 2023
Vol.No. 35 ■ No. 208 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୪ ମାସ ପରେ ସଂସଦକୁ ଫେରିଲେ ରାହୁଲ

### ପାଛୋଟି ନେଲେ ବିରୋଧୀ ମେଂଟର ସାଂସଦ, କଂଗ୍ରେସ ଶିବିରରେ ଉତ୍ସାହ



ନୂଆଦିଲ୍ଲୀ,୭/୦୮ : ସାଂସଦ ପଦ ଫେରି ପାଇଲେ ରାହୁଲ ଗାନ୍ଧୀ । ଗୁଜୁରାଟ ତଳ କୋର୍ଟଙ୍କ ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଲଗାଇବାପରେ ଏବେ ପୁଣିଥରେ ସଂସଦକୁ ଯିବାକୁ ରାହୁଲଙ୍କୁ ମିଳିଛି ଅନୁମତି । ଲୋକସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯିବା ପରେ କଂଗ୍ରେସ ଶିବିରରେ ଖୁସିର ଲହରି ଖେଳି ଯାଇଛି । ସେପଟେ ୪ମାସ ପରେ ସଂସଦକୁ ଫେରିଛନ୍ତି ରାହୁଲ । ଅନାସ୍ଥା ପ୍ରସ୍ତାବ ଆଲୋଚନାର ଦିନକ ପୂର୍ବରୁ ସଂସଦକୁ ଫେରିଛନ୍ତି । ଯାହା ବିରୋଧୀ ମେଂଟର ସ୍ୱରକୁ ଆହୁରି ମଜବୁତ କରିଥିବା କୁହାଯାଉଛି । ୧୩୭ ଦିନ ପରେ ସଂସଦକୁ ଫେରିଛନ୍ତି ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଏହାକୁ ନେଇ କଂଗ୍ରେସ ଶିବିର ଯେତିକି ଉତ୍ସବ ମୁଖର, ବିରୋଧୀ ମେଂଟ 'ଇଣ୍ଡିଆ'ର ସାଂସଦମାନେ ସେତିକି ଉତ୍ସାହିତ । କଂଗ୍ରେସ ମୁଖ୍ୟାଳୟରେ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓ ଅନ୍ୟ ବରିଷ୍ଠ ନେତା ପରସ୍ପରକୁ ମିଠା ଖୁଆଇ ଖୁସି ମନେଇଛନ୍ତି । ଏପଟେ ସଂସଦ ଭବନ ପରିସରରେ ରାହୁଲଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ ବିରୋଧୀ ସାଂସଦ । ରାହୁଲ ଗାନ୍ଧୀ ଜିନ୍ଦାବାଦ ନାରାରେ କମ୍ପିଥିଲା ସଂସଦର ମୁଖ୍ୟଦ୍ୱାର । ମୋଦୀ ସାଙ୍ଗିଆ ମାନହାନି ମାମଲାରେ ସୁରଟ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ଦଣ୍ଡାଦେଶ ଦେବା ପରେ ସେ ଲୋକସଭା ସାଂସଦ ପଦ ହରାଇଥିଲେ । ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଦେବା ପରେ ପୁଣି ଥରେ ସାଂସଦ ପଦ ଫେରି ପାଇଛନ୍ତି ରାହୁଲ । ଆଗକୁ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ । ୨୦୨୪ରେ ସାଧାରଣ ନିର୍ବାଚନ । ଏହା ପୂର୍ବରୁ ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି କେବଳ କଂଗ୍ରେସ ପାଇଁ ନୁହେଁ ବିରୋଧୀ ମେଂଟ ପାଇଁ ମଧ୍ୟ ବଡ ସଫଳତା ବୋଲି କୁହାଯାଉଛି । ସେପଟେ କଂଗ୍ରେସ ଅଭିଯୋଗ କରିଛି, ଯେଉଁଭଳି ଭାବେ ତୁରନ୍ତ ରାହୁଲଙ୍କ ସଦସ୍ୟତା ରଦ୍ଦ କରାଯାଇଥିଲା, ସୁପ୍ରିମକୋର୍ଟଙ୍କ ଫଇସଲା ପରେ ସଦସ୍ୟତା ଫେରି ପାଇବା ପାଇଁ କାହିଁକି ଦୁଇ ଦିନ ପାଇଁ ଅପେକ୍ଷା କରିବାକୁ ପଡିଲା । ଅନାସ୍ଥା ପ୍ରସ୍ତାବ ଆଲୋଚନାର ଦିନକ ପୂର୍ବରୁ ସଂସଦକୁ ଫେରିଛନ୍ତି ରାହୁଲ ଗାନ୍ଧୀ। ମଙ୍ଗଳବାର ଦିନ ଏହି ଆଲୋଚନାରେ ସେ ଭାଗ ନେବେ। ପ୍ରିୟଙ୍କା ଗାନ୍ଧୀ କହିଛନ୍ତି 'ଲୋକଙ୍କ ପ୍ରକୃତ ସମସ୍ୟା ନେଇ ପୁଣିଥରେ ସଂସଦରେ ସ୍ୱର ଉଠିବ।'

## ଯୁବ ଭୋଟରଙ୍କ ସଂଖ୍ୟା ବଢ଼ାଇବାକୁ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ହେବ ସ୍ୱତନ୍ତ୍ର ଡ୍ରାଇଭ୍

ଭୁବନେଶ୍ୱର, ୭/୦୮ (ନି.ପ୍ର): ରାଜ୍ୟରେ ଯୁବ ଭୋଟରଙ୍କୁ ଯୋଡିବାକୁ ହେବ ସ୍ୱତନ୍ତ୍ର ଡ୍ରାଇଭ୍। ଯୁବ ଭୋଟରଙ୍କ ସଂଖ୍ୟା ବଢ଼ାଇବାକୁ ରାଜ୍ୟ ନିର୍ବାଚନ ଅଧିକାରୀ କଲେଜସ୍ତରରେ ପଦକ୍ଷେପ ନେବାକୁ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖି ଜଣାଇଛନ୍ତି। ଅନ୍ୟ ବର୍ଗର ଭୋଟରଙ୍କ ତୁଳନାରେ ଯୁବ ବର୍ଗ ଭୋଟରଙ୍କ ସଂଖ୍ୟା କମ୍। ଯୁବ ଭୋଟର ସଂଖ୍ୟା ବଢ଼ାଇବାକୁ ସଚେତନତା ଜରୁରୀ। ଯୋଗ୍ୟଙ୍କୁ ଭୋଟର ତାଲିକାଭୁକ୍ତ କରିବାକୁ ସ୍ପେଶାଲ ଡ୍ରାଇଭ ଆବଶ୍ୟକ। ଆଡମିଶନ ଫର୍ମ ସହ ଭୋଟର ନାମ ସଂଯୋଗ ଫର୍ମ ଯୋଡିବାକୁ କୁହାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠି ପରେ ସବୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ସରକାରୀ ଏବଂ ବେସରକାରୀ କଲେଜ ଅଧକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖିଛି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ସହ ସ୍ପେଶାଲ ଡ୍ରାଇଭ ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି।

## ବାହାରିଲା ମାଟ୍ରିକ ସପ୍ଲିମେଂଟାରୀ ରେଜଲ୍ଟ

ଭୁବନେଶ୍ୱର, ୭/୦୮ (ନି.ପ୍ର): ପ୍ରକାଶ ପାଇଛି ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ଫଳ। ମୋଟ ୧୩୧୦ ଛାତ୍ରଛାତ୍ରୀ ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୪୩୩ ପିଲା କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୬୭୭୮ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ୮୧୯୫ ଛାତ୍ରଛାତ୍ରୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିଲେ। ବୋର୍ଡ ୱେବସାଇଟରେ ଉଭୟ ରେଜଲ୍ଟ ଉପଲବ୍ଧ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତ ଜୁଲାଇ ୩ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ସପ୍ଲିମେଂଟାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୮୦ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସିଧା ଯୁକ୍ତ ଦୁଇରେ ନାମ ଲେଖାଇପାରିବେ।

## କଳାହାଣ୍ଡିର ଉତକେଲା ଏୟାରପୋର୍ଟକୁ ମିଳିଲା ଡିଜିସିଏ ଅନୁମତି: ଖୁବ୍‌ଶୀଘ୍ର ଉଡିବ ବିମାନ

ଭୁବନେଶ୍ୱର, ୭/୦୮ (ନି.ପ୍ର): ଖୁବଶୀଘ୍ର କଳାହାଣ୍ଡି ଜିଲ୍ଲାକୁ ଉଡ଼ିବ ବିମାନ। କଳାହାଣ୍ଡିର ଉତକେଲା ଏୟାରପୋର୍ଟକୁ ଡାରେକ୍ଟର ଜେନେରାଲ ଅଫ୍ ସିଭିଲ୍ ଆଭିଏସନ୍ (ଡିଜିସିଏ) ଅନୁମତି ମିଳିଛି।



ଖୁବଶୀଘ୍ର ଉତକେଲାରୁ ଭୁବନେଶ୍ୱର ବିମାନ ଚଳାଚଳ କରିବ। ଏହାପରେ ରାୟପୁରକୁ ବିମାନ ଚଳାଚଳ କରିବ ବୋଲି ସୂଚନା ମିଳିଛି ।ଉତକେଲାରୁ ବିମାନ ଚଳାଚଳ ନେଇ ଡିଜିସିଏର ଲାଇସେନ୍ସ ମିଳିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ ଉଡାନ୍ ଯୋଜନା ଅଧୀନରେ କଳାହାଣ୍ଡି ଜିଲ୍ଲାର ଉତକେଲାରୁ ବିମାନ ଚଳାଚଳ କରିବ। ଜମି ଅଧିଗ୍ରହଣ, ରନୱେ ନିର୍ମାଣ ଆଦି ପାଇଁ ରାଜ୍ୟ ସରକାର ୧୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ କରିଛନ୍ତି। ପ୍ରାଥମିକ ଭାବେ ଉତକେଲାରୁ ଭୁବନେଶ୍ୱର ବିମାନ ଉଡିବାକୁ ଥିବା ବେଳେ ଏହାପରେ ରାୟପୁରକୁ ବିମାନ ଉଡିବ ବୋଲି ରାଜ୍ୟ ପରିବହନ ବିଭାଗ ସୂଚନା ଦେଇଛି।

## ଜ୍ଞାନବାପି ପରିସରରେ ଏଏସଆଇର ସର୍ଭେ ଚତୁର୍ଥ ଦିନରେ

ବାରାଣାସୀ, ୭/୦୮ (ନି.ପ୍ର): ଜ୍ଞାନବାପି ପରିସରରେ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ସର୍ଭେ ସୋମବାର ଚତୁର୍ଥ ଦିନରେ ପହଂଚିଛି । କଡ଼ା ସୁରକ୍ଷା ମଧ୍ୟରେ ବିଭାଗୀୟ ଅଧିକାରୀ ମାନେ ଏହି ସର୍ଭେ କାର୍ଯ୍ୟ କରୁଛନ୍ତି । ଶ୍ରାବଣର ପଂଚମ ସୋମବାରରେ ବାବା ବିଶ୍ୱନାଥଙ୍କ ଦରବାରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ବଦଳରେ ବୈଜ୍ଞାନିକ ସର୍ବେକ୍ଷଣ କାର୍ଯ୍ୟ ପାଇଁ ଏଏସଆଇ ଟିମ୍ କଡ଼ା ସୁରକ୍ଷା ମଧ୍ୟରେ ପୂର୍ବାହ୍ନ ସାଢ଼େ ୧୧ଟାରେ ଜ୍ଞାନବାପିରେ ପହଂଚିଥିଲେ ।

### ହାଇକୋର୍ଟରେ ଏଏସଆଇର ସତ୍ୟପାଠ

## ଭଲ ନାହିଁ ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି

ପୁରୀ, ୭/୦୮ (ନି.ପ୍ର): ରକ୍ଷଣାବେକ୍ଷଣ ଦୃଷ୍ଟିରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ନିହାତି ଆବଶ୍ୟକ। କୋର୍ଟ ଯେତେଶୀଘ୍ର ନିର୍ଦ୍ଦେଶ ଦେବେ, ସେତେଶୀଘ୍ର ଆରମ୍ଭ ହେବ ମରାମତି କାର୍ଯ୍ୟ। ଶ୍ରୀଜିଉଙ୍କ ରତ୍ନଭଣ୍ଡାର ମାମଲାରେ ଆଜି ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ଏହି ନିର୍ଯାସ ରଖିଛି ଭାରତୀୟ ପ୍ରତ୍ନତତ୍ତ୍ୱ ସଂର୍ଭେକ୍ଷଣ ସଂସ୍ଥା। ସତ୍ୟପାଠରେ ଇଏଓ ଦର୍ଶାଇଛି ଯେ, ଶେଷଥର ପାଇଁ ୨୦୧୮ ମସିହାରେ ବାହାର ଭଣ୍ଡାର ଅନୁଧ୍ୟାନ କରାଯାଇଥିଲା। ସେତେବେଳେ କାନ୍ଥ ଭିତରୁ ଫମ୍ପା ଶବ୍ଦ ଆସୁଥିଲା। ଚଟାଣରେ ପଥର ପଡ଼ିଥିଲା। ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଥିଲା। ତେବେ ସେହି ଅନୁଧ୍ୟାନକୁ ଏହା ଭିତରେ ୫ ବର୍ଷ ବିତିଲାଣି। ଏହା ଭିତରେ ସଂରକ୍ଷଣ କାର୍ଯ୍ୟ ଆରମ୍ଭରେ ଆହୁରି ବିଳମ୍ବ ହୋଇଛି। ତେଣୁ ଏବେ ଅବିଳମ୍ବେ ମରାମତି ଆବଶ୍ୟକତା ରହିଥିବାରୁ କୋର୍ଟ ନିର୍ଦ୍ଦେଶ ଦେବା ମାତ୍ରେ ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛି ଇଏଓ ସେପଟେ ମରାମତି ପାଇଁ ଏଏସ୍ଆଇର ବାରମ୍ବାର ଚିଠି ସତ୍ତ୍ୱେ ରାଜ୍ୟ ସରକାର କାହିଁକି ତତ୍ପରତା ଦେଖାଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ । ସେପଟେ ଶ୍ରୀଜିଉଙ୍କ ରତ୍ନଭଣ୍ଡାର ଖୋଲିବା ନେଇ ବାରମ୍ବାର ଦାବି ଦୋହରାଇ ଆସୁଛନ୍ତି ବିଭିନ୍ନ ପକ୍ଷ। ଏପରିକି ଗଜପତି ମହାରାଜା, ପରିଚାଳନା କମିଟି ସଦସ୍ୟ ଓ ବରିଷ୍ଠ ସେବାୟତମାନେ ବହୁ ଦିନ ଧରି ଏ ଦାବି କରି ଆସୁଛନ୍ତି। ଏପଟେ ଗତ ୪ ତାରିଖରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆସନ୍ତା ବର୍ଷ ରଥଯାତ୍ରାବେଳେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ସୁପାରିସ ହୋଇଛି। ତା' ସହ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ହାଇଲେବଲ ଟିମ୍ ଗଠନ କରାଯିବ ବୋଲି ପରିଚାଳନା କମିଟିରେ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି। ତେଣେ ଭକ୍ତଙ୍କ ଦାବି ଯଦି ରତ୍ନଭଣ୍ଡାର ଖୋଲିବା ପାଇଁ ସରକାର ଆଗ୍ରହୀ,



▶▶ପୃଷ୍ଠା ୭

## ଗୁଜରାଟରେ ଏକାଠି ଲୋକସଭା ନିର୍ବାଚନ ଲଢ଼ିବେ ଆପ୍ ଓ କଂଗ୍ରେସ

ନୂଆଦିଲ୍ଲୀ,୭/୦୮ : ଦିଲ୍ଲୀ ବିଲ୍ ପ୍ରସଙ୍ଗରେ କଂଗ୍ରେସର ସମର୍ଥନ ପାଇଥିବା ଆପ୍ ଆଜି ବଡ଼ ଘୋଷଣା କରିଛି । ଆସନ୍ତା ୨୦୨୪ ଲୋକସଭା ନିର୍ବାଚନ ଉଭୟ ଗୁଜରାଟରେ ଏକାଠି ଲଢ଼ିବେ। ଆପ୍‌ର ଗୁଜରାଟ ମୁଖ୍ୟ ଈଶୁଡାନ ଗଡଭୀ ଆଜି ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି, ବିରୋଧୀ ମେଣ୍ଟ ଇଣ୍ଡିଆରେ ଉଭୟ ଦଳ ରହିଛନ୍ତି। ନିର୍ବାଚନ ବେଳେ ମେଣ୍ଟ ଫର୍ମୁଲା ମଧ୍ୟ ଗୁଜରାଟରେ ଲାଗୁ ହେବ। ଅବଶ୍ୟ ମେଣ୍ଟ ସମ୍ପର୍କରେ ଆଲୋଚନା ପ୍ରାଥମିକ ପର୍ଯ୍ୟାୟରେ ରହିଛି। କିନ୍ତୁ ଗୁଜରାଟରେ ଆପ୍ ଓ କଂଗ୍ରେସ ୨୦୨୪ରେ ମିଳିତ ଭାବେ ନିର୍ବାଚନ ଲଢ଼ିବା ଏକ ପ୍ରକାରର ନିଶ୍ଚିତ। ଶିଟ୍ ଶେୟାରିଂ ଫର୍ମୁଲା ଅନୁସାରେ ଉଭୟ ଦଳ ଏକାଠି ହେବେ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, "ଯଦି ସବୁ କିଛି ଯୋଜନା ମୁତାବକ ଯିବ, ତା'ହେଲେ

▶▶ପୃଷ୍ଠା ୭

## ବିରୋଧୀଙ୍କ ସବୁ ରଣନୀତି ଫେଲ୍: ରାଜ୍ୟସଭାରେ ଦିଲ୍ଲୀ ବିଲ୍ ପାସ୍



ନୂଆଦିଲ୍ଲୀ,୭/୦୮ : କାମ ଦେଲାନି ବିରୋଧୀ ଦଳର ମୁଖିଆଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ମାରାଥନ ବୈଠକ। ଫେଲ ମାରିଲା ବିରୋଧୀଙ୍କୁ ଏକାଠି କରିବାର ରଣନୀତି। ରାଜ୍ୟସଭାରେ ଦିଲ୍ଲୀ ସର୍ଭିସ ବିଲ୍‌କୁ ରୋକିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଥିଲେ ହେଁ ଏହା ସଫଳ ହୋଇନି। ଅଣ ଏନଡିଏ ଦଳର ସମର୍ଥନରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ ଦିଲ୍ଲୀ(ସଂଶୋଧିତ) ବିଲ୍ ୨୦୨୩କୁ ପାରିତ କରିବାକୁ ସକ୍ଷମ ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଅସୁସ୍ଥ ଥିଲେ ମଧ୍ୟ ଆଜି ଦିଲ୍ଲୀ ବିଲ୍ ବିପକ୍ଷରେ ଭୋଟ ଦେବାକୁ ରାଜ୍ୟସଭାକୁ ଆସିଥିଲେ। ସେ ହ୍ୱିଲ ଚେୟାରରେ ଆସି ଭୋଟ ଦେଇଥିଲେ ହେଁ ଏହା ବିଲ୍‌କୁ ମାତ ଦେବାକୁ ଯଥେଷ୍ଟ ହୋଇନାହିଁ। ବିଲ୍ ସପକ୍ଷରେ ୧୩୧ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୧୦୨ ଭୋଟ ପଡ଼ିଛି। ଏହାର ଅର୍ଥ ୨୯ ଖଣ୍ଡ ଭୋଟରେ ବିରୋଧୀଙ୍କୁ ମାତ ଦେବାରେ

▶▶ପୃଷ୍ଠା ୭

## ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ୩୪ତମ ବାର୍ଷିକ ଉତ୍ସବ ଓ ମିଳିତ ସମ୍ମାନ ପ୍ରଦାନ ଉତ୍ସବ ମହାସମାରୋହରେ ପାଳିତ




ବାଲେଶ୍ୱର, ୭/୦୮ (ନି.ପ୍ର): ପ୍ରକୃତ ସାହିତ୍ୟିକର ସୁସ୍ଥ ହୃଦୟ ନଥିଲେ ସେ ଭଲ ସାହିତ୍ୟ ସୃଷ୍ଟି କରିପାରେନା । ସାହିତ୍ୟିକର ହୃଦୟ ସର୍ବଦା କୋମଳ ହେବା ଦରକାର । ଯେଉଁ ବ୍ୟକ୍ତିଙ୍କର ହୃଦୟ ନାହିଁ ସେ କେବେହେଲେ ସାହିତ୍ୟ କରିପାରିବ ନାହିଁ। ଜଣେ ସାହିତ୍ୟିକ ଭାଷା ଓ ସାହିତ୍ୟ ମାଧ୍ୟମରେ କୋଟି କୋଟି ହୃଦୟ ଭିତରେ ନୂଆ ଉଦ୍ଦୀପନା ସୃଷ୍ଟି କରିପାରେ । ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ନୂତନ କବି ଓ ସାହିତ୍ୟିକଙ୍କ ଏନ୍ତୁଡ଼ିଶାଳ ହୋଇଥିବାବେଳେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ଅବଦାନ ସୁପରିଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସେମାନେ ଆହୁରି ମଧ କହିଥିଲେ ଯେ ପ୍ରିଣ୍ଟ ମିଡିଆର ଆଦର ଯୁଗେ ଯୁଗେ ଅଛି ଓ ରହିବ ମଧ । କୌଣସି ମିଡିଆ କୌଣସି ଯୁଗରେ ପ୍ରିଣ୍ଟ ମିଡିଆକୁ ହଟାଇ ପାରି ନାହିଁ । ସାହିତ୍ୟିକମାନେ ହୃଦୟର ସହ ଭଲ ପାଇଲେ ଆମ ଭାଷା ଓ ସାହିତ୍ୟ ହୃଦୟଗ୍ରାହୀ ହେବାସହ ସାହିତ୍ୟର ଉନ୍ନତି ସମ୍ଭବ । ଗତକାଲି ବାଲେଶ୍ୱରସ୍ଥିତ ଭେନେୟା ପାରାଡାଇଜ୍‌ଠାରେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ଦୈନିକ ଖବରକାଗଜ ଧ୍ୱନିପ୍ରତିଧ୍ୱନି ଓ ସାହିତ୍ୟ ପତ୍ରିକା ସାଗରିକାର ୩୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ଏଥିରେ ପୂର୍ବତନ ସାଂସଦ, ବିଶେଷ ଖବରର ପ୍ରକାଶକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ମହାମେଘବାହାନ ଐର ଖାରବେଳ ସ୍ୱାଇଁ ଉଦ୍‌ଘାଟକ ଭାବରେ ଯୋଗଦେଇ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏମାଡେମୀର

▶▶ପୃଷ୍ଠା ୭

# ୨୦୦୯ ଡିଲିମିଟେସନରେ ମୟୁରଭଞ୍ଜ ପ୍ରତି ଅବିଚାର କରାଯାଇଛି

## ■ପୂର୍ବଭଳି ୧୦ଟି ବିଧାନସଭା କ୍ଷେତ୍ର ଦାବି
## ■ସ୍ଥାନୀୟ ନେତାଙ୍କ ଅପାରଗତା ମୟୁରଭଞ୍ଜ ବିକାଶରେ ବାଧକ



ବାରିପଦା , ୭/୦୭ (ନି.ପ୍ର): ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ଆୟୋଜନ ଜୋରଦାର ଚାଲିଥିବା ବେଳେ ୨୦୦୯ ମସିହାରେ ହୋଇଥିବା ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ (ଡି ଲିମିଟେସନ )ରେ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀଙ୍କ ରାଜନୈତିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି । ୧୦ଟି ନିର୍ବାଚନ ମଣ୍ଡଳୀକୁ କମାଇ ଦିଆଯାଇ ୯ ଟି ନିର୍ବାଚନ ମଣ୍ଡଳୀ କରି ଦିଆଗଲା, ଜିଲ୍ଲାର ସାଧାରଣ ଜନତା ଯେତେ ଅଭିଯୋଗ ଆପତ୍ତି କଲେ ମଧ ତାହା ଦୃଷ୍ଟିକୁ ନଆଣି ନିର୍ବାଚନ ପାଇଁ ଡିଣ୍ଡିମ ପିଟା ଚାଲିଛି । ତେଣୁ ଏ ବିଷୟରେ ଏକ ବିଧିବଦ୍ଧ ଆଲୋଚନା ପାଇଁ ବରିଷ୍ଠ ଆଇନଜୀବି ଆରବିନ୍ଦ ଦାସଙ୍କ ଅଧକ୍ଷତାରେ ଏକ ବୈଠକ ବସି ଆଲୋଚନା କରାଯାଇଥିଲା । ନିର୍ବାଚନ ଅଧିକାରୀ ଓ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ପୂନର୍ବାର ଏକ ଦାବିପତ୍ର ପ୍ରଦାନ କରାଯାଇ ପୂନର୍ବାର ମୟୂରଭଞ୍ଜ ଜିଲ୍ଲାର ବିଧାନ ସଭା ନିର୍ବାଚନ ମଣ୍ଡଳୀକୁ ପୂର୍ନସମ୍ପ୍ରସାରଣ କରି ୧୦ ଗୋଟି ନିର୍ବାଚନ ମଣ୍ଡଳୀ କରାଯିବା ଏବଂ ବାରିପଦା ନିର୍ବାଚନ ମଣ୍ଡଳୀକୁ ଅଣ ସଂରକ୍ଷିତ କରାଯିବା ପାଇଁ ଦାବୀ କରାଯାଇଛି । ରାଜନୈତିକ ନେତାଙ୍କର ନେତୃତ୍ୱ ଭାବରୁ ଆଜି ପର୍ଯ୍ୟନ୍ତ ମୟୂରଭଞ୍ଜରେ ଆଖି ଦୃଶିଆ ପରିବର୍ତ୍ତନ କିମ୍ବା ଉନ୍ନତି ହୋଇନାହିଁ । ବରଂ ମୟୂରଭଞ୍ଜ ଜିଲ୍ଲାର ଆମ୍ ନିଯୁକ୍ତି ଯୋଗାଉଥିବା ଅନୁଷ୍ଠାନ ଗୁଡିକୁ ଉଠାଇ ଦିଆଯାଇ ଅଧିକ ଦରିଦ୍ର ଓ କାଙ୍ଗାଳ ସୃଷ୍ଟି କରାଯାଇ ଅଛି । ବାରିପଦା ଠାରେ ବହୁପୂର୍ବରୁ ଥିବା ସ୍ପିନିଙ୍ଗ୍ ମିଲ୍, ଆୟୁର୍ବେଦ କଲେଜ, ହୋମିଓ ପ୍ୟାଥିକ କଲେଜ, ପାୱାରଲୁମ, ଟେକ୍ସଟାଇଲସ ଗଞ୍ଜିକାରଖାନା, ନିକୋ ଫ୍ୟାକ୍ଟ୍ରି ଏସବୁକୁ ଉଠାଇ ଦିଆଯାଇ ମୟୂରଭଞ୍ଜ ଅର୍ଥିକ ସ୍ଥିତିକୁ ଦୂର୍ବଳ କରାଯାଇଛି । ବାରିପଦା ବାସୀଙ୍କ ଦୁଃଖ ବୁଢା ବଳଙ୍ଗ ନଦୀର ଆଡିବନ୍ଧ ଏ ପର୍ଯ୍ୟନ୍ତ ନିର୍ମାଣ ହୋଇ ପାରିଲାନାହିଁ । କରଞ୍ଜିଆ, ରାଇରଙ୍ଗପୁର, ଉଦଳା, ରାସଗୋବିନ୍ଦପୁର, ବେତନଟୀ ପ୍ରମୁଖ ଛୋଟ ଛୋଟ ସହର ଗୁଡିକର କୌଣସି ଉନ୍ନତିକରଣ ହୋଇପାରିନାହିଁ । ଏହାପ୍ରତି ସରକାର ମଧ ଦୃଷ୍ଟି ଦେଉନାହାନ୍ତି । ଆସନ୍ତା ୨୦୨୪ ନିର୍ବାଚନପୂର୍ବରୁ ଏଥିପାଇଁ ବିଧିବଦ୍ଧ ଜନ ଆନ୍ଦଳନ ପ୍ରସ୍ତୁତି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଅଛି । ମୟୂରଭଞ୍ଜ ପ୍ରତି ବୈମାତୃକ ଭାବ ଛାଡି ସରକାରଙ୍କୁ ଏବାବଦରେ ଶୀଘ୍ର ବିଧିବଦ୍ଧ ନିଷ୍ପତି ନେବାପାଇଁ ଅନୁରୋଧ କରାଯାଇଛି । ବୈଠକର ଆବାହକ ଆଇନଜୀବି ଅରବବିନ୍ଦ ବାସ, ବରିଷ୍ଠ ଆଇନଜୀବି ପ୍ରବୀର କୁମାର ବଶା, ସମାଜସେବୀ ଶରତ ଚନ୍ଦ୍ର ନାୟକ, ସରୋଜ କୁମାର ଷଡଙ୍ଗୀ, ଶୁନିଲ କୁମାର ଜେନା, ତପନ କୁମାର ପଲେଇ, ଉମାକାନ୍ତ ରାଉତ, ଅବନି କୁମାର ଷଡଙ୍ଗୀ, ଲୋକନାଥ ଦାସ, ଯତିନ ଚନ୍ଦ୍ର ଗିରି, ହେମନ୍ତ ଚରଣ ଦାସ, ପିତାମ୍ବର ମଲ୍ଲୀକ, ରବିନ୍ଦ୍ର ମହାନ୍ତି, ରଜତ କୁମାର ସାହୁ, ପ୍ରଦୀପ କୁମାର ପଲେଇ, ରାଜେନ୍ଦ୍ର ମହାନ୍ତ ବିନୋଦ କୁମାର ରାଜ ପ୍ରମୁଖ ଆଇନଜୀବି ଓ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

# କଂଗ୍ରେସ ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା

ରାଉରକେଲା, ୭/୦୭ (ନି.ପ୍ର): ରାଉରକେଲା କଂଗ୍ରେସ ଦଳର ଆଗଧାଡିର କିଛି ନେତା ମାନଙ୍କ ଉଦ୍ୟମରେ ଆଜି ଏକ ବଂଧୁମିଳନ ସମେତ ଯୁବକଂଗ୍ରେସରେ ନିକଟରେ ହୋଇଥିବା ନିର୍ବାଚନରେ ଜୟଯୁକ୍ତ ହୋଇଥିବା ଯୁବ ନେତୃତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ରାଉରକେଲାର କଂଗ୍ରେସ ନେତା ଉମେଶ ସରଣ ଓ ସାବିର ହୁସେନଙ୍କ ନେତୃତ୍ୱରେ ଆଜି ସେକ୍ଟର -୮ ଠାରେ ଏହି ସଭା ଓ ବନ୍ଧୁମିଳନର ଆୟୋଜନ କରାଯାଇଥିଲା । ଏଥିରେ ଅନ୍ୟ ମାନଙ୍କ ମଧରେ ବାଦଲ ଶ୍ରୀଚନ୍ଦନ, ରଶ୍ମି ରଂଜନ ପାଢୀଙ୍କ ସମେତ ଯୁବ କଂଗ୍ରେସ, ଛାତ୍ର, ମହିଳା କଂଗ୍ରେସର ସଭାପତି ଓ ବରିଷ୍ଠ ନେତା ଉପସ୍ଥିତ ଥିଲେ । ରାଉରକେଲାର ସମସ୍ତ ମିଡିଆଙ୍କ ସମ୍ମୁଖରେ ଏହି ଅବସରରେ ପ୍ରଦେଶ ଯୁବକଂଗ୍ରେସର ଉପସଭାପତି ନାରାୟଣ ବାରି, ଉପସଭାପତି ରାଉରକେଲା ଯୁବକଂଗ୍ରେସ ଇସ୍ତେହାର ମହମ୍ମଦ, ଉପସଭାପତି ରଘୁନାଥପାଲ୍ଲୀ ଯୁବକଂଗ୍ରେସ ସୁମିତ କଂସାରୀ ଓ ରାଉରକେଲା ଯୁବକଂଗ୍ରେସର ଉପସଭାପତି ମୁକେଶ ସିଂହଙ୍କୁ ଫୁଲ ହାର ତୋଡା ଦେଇ ସମ୍ମାନିତ କରାଯାଇଥିଲା ।

# ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରୁ ୨୨କିଲୋ ଗଞ୍ଜେଇ ଜବତ : ୨ଗିରଫ

ଖୋର୍ଦ୍ଧା, ୭/୦୭ (ନି.ପ୍ର) : ଶନିବାର ରାତିରେ ଖୋର୍ଦ୍ଧାରୋଡ୍ ରେଳଷ୍ଟେସନରୁ ୨ ଗଞ୍ଜେଇ ବେପାରୀଙ୍କୁ ଜିଆରପି ଥାନା ପୁଲିସ ଗିରଫ କରିଛି । ଗିରଫ ଗଞ୍ଜେଇ ବେପାରୀ ଦୁଇ ଜଣ ହେଲେ ଗଜପତି ଜିଲ୍ଲା ରାୟଗଡ଼ା ଥାନା ନୂଆସାହିର ମୁକେଶ ରାଇତା (୨୧) ଓ ଗଞ୍ଜାମ କୋଦଳାର ଆଲୋନ୍ ସେନାପତି (୨୦) । ଏମାନଙ୍କ ଠାରୁ ପ୍ରାୟ ୨୨ କିଲୋ ଗଞ୍ଜେଇ ଜବତ କରାଯାଇଛି । ଜିଆରପି ପୁଲିସ ସୂଚନାନୁସାରେ ଗତକାଲି ରାତିରେ ଷ୍ଟେସନର ୪ ଓ ୫ ନମ୍ବର ପ୍ଲାଟଫର୍ମରେ ଜିଆରପି ପୁଲିସ ଓ ଆରପିଏଫ୍ ପକ୍ଷରୁ ମିଳିତ ଯାଞ୍ଚ ଚାଲିଥିଲା । ଯାଞ୍ଚ ବେଳେ ୨ ଅଭିଯୁକ୍ତଙ୍କ ଉପରେ ସନ୍ଦେହ ହେବାରୁ ପୁଲିସ ସେମାନଙ୍କ ବ୍ୟାଗ ଯାଞ୍ଚ କରିଥିଲା ।ଯାଞ୍ଚ ସମୟରେ ସେମାନଙ୍କ ଠାରୁ ଦୁଇଟି ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ କରିବା ସହ ଗିରଫ କରିଥିଲା । ସେମାନେ ବସ୍ ଯୋଗେ ଖଲିକୋଟ ଅଞ୍ଚଳରୁ ଗଞ୍ଜେଇ ଆଣି କୋଲକାତା ଚାଲାଣ ପାଇଁ ଟ୍ରେନ୍ ?କୁ ଅପେକ୍ଷା କରିଥିଲେ । ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖ ଦିନ ପୁଲିସ ଜଟଣି ରେଳ ଷ୍ଟେସନରୁ ୨ ବଙ୍ଗୀୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିଲା ।ତେବେ ସେମାନଙ୍କ ଠାରୁ ପ୍ରାୟ ୬୩ କେଜି ଗଞ୍ଜେଇ ଜବତ କରାଯାଇଥିଲା । ସେମାନେ ଜଟଣୀରୁ ଜଣେ ମାଫିଆଠାରୁ ଗଞ୍ଜେଇ କିଣି କୋଲକାତା ଚାଲାଣ କରୁଥିଲେ ।

# ଭଂଜସେନାର ଅଭିନବ ପ୍ରୟାସ : କପ୍ତିପଦା ଉପଖଣ୍ଡରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ ସାମ୍ବାଦିକ ସମ୍ମିଳନୀ




ଉଦଳା , ୭/୦୭ (ନି.ପ୍ର): ମୟୂରଭଂଜର ଜାଗ୍ରତ ପ୍ରହରି ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ସ୍ୱେଛାସେବି ସଂଗଠନ 'ଭଂଜ ସେନା' ତରଫରୁ ଚଳିତ ଅଗଷ୍ଟ ୫ ତାରିଖ ଶନିବାର ଦିନ ସ୍ଥାନୀୟ ପୂର୍ତ୍ତ ବିଭାଗ ଡ଼ାକ ବଂଗଳା ପରିସରରେ ମୟୂରଭଂଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠାର ଦାବି ନେଇ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ଭଂଜସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି ଉଦଳା ଏବଂ ଏହାର ଆଖ ପାଖ ଅଂଚଳ ମଧ୍ୟରେ ଥିବା ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ କିପରି ଅବହେଳିତ ହୋଇ ପଡ଼ି ରହିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଭଂଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରି ଜେନା ଆମ ଅଂଚଳରେ ଥିବା ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ସୌନ୍ଦର୍ଯ୍ୟକରଣ କରାଯାଇ ପାରିଲେ ଏଠାରେ ପର୍ଯ୍ୟଟକଙ୍କର ଅଭାବ ରହିବ ନାହିଁ, ଫଳରେ ସ୍ଥାନିୟ ଯୁବକଙ୍କୁ କାମଧନ୍ଦା ମିଳିବ, ବେକାର ସମସ୍ୟା ଦୁର ହେବ ଓ ରାଜକୋଶକୁ ମଧ ଦୁଇ ପଇସା ରୋଜଗାର ଆସିବ ବୋଲି ବ୍ୟକ୍ତ କରିଥିଲେ । ଏଥିପାଇଁ କପ୍ତିପଦା ଉପଖଣ୍ଡ ମଧରେ ବେଶ ଭଲ ଭିତିଭୂମି ଥିବାର କଥା ସେ ସୁଚନା ପ୍ରଦାନ କରିଥିଲେ । ତେବେ ସାମ୍ବାଦିକ ମାନେ ଏ ଦିଗରେ ସମ୍ବାଦ ପରିବେଷଣ କରନ୍ତୁ । ନିକଟରେ (୫ଟି) ସଚିବଙ୍କ ଉଦଳାଗସ୍ତ କାର୍ଯ୍ୟକ୍ରମ ରହିଛି , ସେ ଯଦି ଚାହିଁବେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଇପାରିବେ ବୋଲି ଜଣାଇଥିଲେ । ଏହାପରେ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ଥିବା ପର୍ଯ୍ୟଟନକ୍ଷେତ୍ର ଓ ସେଠାକୁ ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନ ଏବଂ ମୟୂରଭଂଜରେ ଥିବା ପର୍ଯ୍ୟଟନ କ୍ଷେତ୍ର ଓ ଏଠାକୁ ମିଳିଥିବା ଆର୍ଥିକ ଅନୁଦାନର ଏକତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ । ଏଥିରେ ମୟୂରଭଂଜକୁ କିପରି ଅଣଦେଖା କରାଯାଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ । ମୟୂରଭଂଜରୁ ନିର୍ବାଚିତ ହୋଇ ଯାଇଥିବା ଲୋକପ୍ରତିନିଧି ମାନେ ଏକ୍ଷେତ୍ରରେ କାହିଁକି ଚୁପ ମାରି ବସିଛନ୍ତି ସେ ପ୍ରଶ୍ନ କରିବା ସହିତ ଏଥିପାଇଁ କ୍ଷୋଭ ପ୍ରକାଶ କରିଥିଲେ । ଭଂଜସେନାର ଉପାଧକ୍ଷ ଜିତେନ୍ଦ୍ର ହେମ୍ବ୍ରମ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଦିବାସି ଶାଖାର ଜିଲ୍ଲା ସଂଯୋଜକ ସଂଜୟ ହାଁସଦାଃ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଳା ଓ କପ୍ତିପଦାରୁ ବହୁ ସଂଖ୍ୟାରେ ସାମ୍ବାଦିକ ଉକ୍ତ ସମ୍ମିଳନିରେ ଯୋଗ ଦେଇଥିଲେ ।

# ଶାନ୍ତିକାନନ ଓ ଶାନ୍ତିଘାଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲେଶ୍ୱର, ୭/୦୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଉଦ୍ୟମରେ ରବିବାର ପ୍ରତ୍ୟୁଷରେ ଶାନ୍ତିକାନନ ଓ ଶାନ୍ତିଘାଟଠାରେ ୫୦ରୁ ଉର୍ଦ୍ଧ୍ୱ ଫଳଚାରା ରୋପଣ କରାଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କବିତୀର୍ଥ ଶାନ୍ତିକାନନରେ ଫଳଚାରା ରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପସଭାପତି ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ସଂପାଦକ ଦୀପକ ବୋଷ, ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦଙ୍କ ସମେତ ବରିଷ୍ଠ ସଦସ୍ୟ ଶରତ କୁମାର ମହାପାତ୍ର, ନିରଂଜନ ରାଉତ, ଡ. ଶିରୀଶ ଚନ୍ଦ୍ର ଜେନା, ଅନସୂୟା ନାୟକ, ଶାନ୍ତିଲତା ପଣ୍ଡା, ବାସନ୍ତୀ କର, ଜ୍ୟୋତ୍ସ୍ନା ରାୟ ପ୍ରମୁଖ ବୃକ୍ଷରୋପଣ କରିଥିଲେ ।

# ଦୁଇଦିନିଆ ଚିତ୍ରକୋଣ୍ଡା ଗସ୍ତରେ ବିଜୁ ଜିଲ୍ଲା ମହିଳା ସଭାନେତ୍ରୀ

ମାଲକାନଗିରି, ୭/୦୭ (ନି.ପ୍ର): ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ର ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଜିଲ୍ଲା ପରିଷଦ ଜୋନ -୧ ଅଧିନ ଗୁଣ୍ଠାବେଡା, ପା ପଲୁର,ନୂଆଗୁଡ଼ା, କପାଟୁଟି , ଦୋ ରାଗୁଡା, କୁରମା ନୁର, ବଡ଼ପଦର ଓ ବଡ ପଡା ପଞ୍ଚାୟତ ଠାରେ ପଞ୍ଚାୟତର ଜନପ୍ରତିନିଧି ଏବଂ ଲୋକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜୁ ଜନତା ଦଳ ଜିଲ୍ଲା ମହିଳା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇଥିଲେ । ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ କିଭଳି ପହଞ୍ଚିବ ସେ ନେଇ ଯୁବକ ମାନେ ଆଗେଇ ଆସିବା ଦରକାର ବୋଲି କହିଥିଲେ । ସ୍ଥାନୀୟ ସମସ୍ୟା ସମ୍ପର୍କରେ ପଞ୍ଚାୟତର ଜନସାଧାରଣଙ୍କ ସହ ସେ କଥା ହୋଇ ସମାଧାନ ପାଇଁ ଅନୁରୋଧ କରିଥିଲେ । ଏହା ସହିତ ଆଗାମୀ ଦିନରେ କିଭଳି ସମସ୍ତେ ଦଳୀୟ ସଂଗ ଠନକୁ ମଜବୁତ୍ କରିବେ ସେ ନେଇ ସମସ୍ତେ ସଂକଳ୍ପ ନେଇଥିଲେ । ଏହି ବୈଠକରେ ବିଜୁ ମହିଳା ଉପ ସଭାନେତ୍ରୀ ସୁନିତା ଜେନା, ଚିତ୍ରକୋଣ୍ଡା ବ୍ଲକ ପର୍ଯ୍ୟବେକ୍ଷକ ବିଜିତ ସିଂ, ରାଲେଗାଡ଼ା ସରପଞ୍ଚ କମଳୁ ହନ୍ତାଳ, ସରପଞ୍ଚ ଶଶୀ ଖିଲ,ସହ ବିଜେଡି ଦଳୀୟ ବରିଷ୍ଠ କର୍ମୀ ପିତାମ୍ବର ଖେମୁଡୁ, ଦେବେନ୍ଦ୍ର ଦାସ, ଶିବ ଖରା, ଅର୍ଜୁନ ଦଳେଇ, ମହିଳା ନେତ୍ରୀ ସୁବର୍ଣ୍ଣ ପାଲି ଗୁଡ଼ିଆ ଓ ଲକ୍ଷ୍ମୀ ମାଣ୍ଡି ମଧ ଉପସ୍ଥିତ ରହିଥିଲେ ।

# ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି , ୭/୦୭ (ନି.ପ୍ର) : ରାଜ୍ୟ ସରକାରଙ୍କ ନୂତନ ପରିକଳ୍ପନା ରେ ନବଗଠିତ ୧୪ଗୋଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାଜ୍ୟର ଆଦିବାସୀ (ଜନଜାତି)ଙ୍କ କଳା, ସଂସ୍କୃତି ଓ ଐତିହ୍ୟ ର ସୁରକ୍ଷା, ବିକାଶ, ଏବଂ ପରମ୍ପରାକୁ ବଳବତ୍ତର କରିବା ତଥା ତାଙ୍କର ଅଧିକାର କୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ବାଲେଶ୍ୱର ଜିଲ୍ଲା ଆନୁକୁଲ୍ୟରେ ତଥା ପରିଷଦ ର ନବନିଯୁକ୍ତ ଚେୟାରମେନ ମଦନ ମୋହନ ମାଝୀଙ୍କ ଆହ୍ୱାନ ଏବଂ ଆଦିବାସୀ ସଂଗଠନର ସର୍ବସମ୍ମତି ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ୨୦୨୩ ବିଶ୍ୱ ଜନଜାତି ଦିବସ ନୀଳଗିରି ବ୍ଲକ୍ ଅଧିନ ସଜନାଗଡସ୍ଥିତ ମା ଭୁଦାର ଚଣ୍ଡୀ ସମ୍ମୁଖସ୍ଥ ଉଡାପଡିଆଠାରେ ଆସନ୍ତା ଅଗଷ୍ଟ ୯, ୨୦୨୩(ବୁଧବାର) ଦିନ ସକାଳ ୯.୩୦ ଠାରୁ ଦିବସ ବ୍ୟାପି ଜାକଜମକରେ ପାଳନ କରିବା ପାଇଁ ସ୍ଥିର କରାଯାଇଛି । ଏଥିରେ ଆଦିବାସୀ ସମ୍ପ୍ରଦାୟ ର ସମସ୍ତ ଭାଇ ଭଉଣୀ ମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ତାଙ୍କର ପାରମ୍ପରିକ ବେଶଭୂଷା ଏବଂ ବାଦ୍ୟ ଯନ୍ତ୍ର ସହ ବିପୁଳ ସଂଖ୍ୟାରେ ଯୋଗ ଦେଇ ସମାରୋହ କୁ ସାଫଲ୍ୟ ମଣ୍ଡିତ କରିବାକୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଆହ୍ୱାନ କରାଯାଇଛି ।

# ଅମ୍ରିତ ଭାରତ ଷ୍ଟେସନ ଯୋଜନାରେ ପ୍ରଧାନମନ୍ତ୍ରୀଙ୍କ ଆଭାସୀ ଦ୍ୱାରା ଜଳେଶ୍ୱର ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ




ଜଳେଶ୍ୱର , ୭/୦୭ (ନି.ପ୍ର): ଆଜି ସମଗ୍ର ଦେଶରେ ୫୦୮ଟି ରେଳ ଷ୍ଟେସନର ନବିକରଣ ଓ ଆଧୁନିକ କରଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଦେଶରେ ରେଳ ଯାତ୍ରାହିଁ ଦେଶବାସୀଙ୍କ ଲାଇଫ ଲାଇନ୍, ଏଥିଲାଗି ଆଧୁନିକ ଭାରତରେ ଭବିଷ୍ୟତପାଇଁ ରେଳଯାତ୍ରାକୁ ଯୋଡାଯିବାର ବ୍ୟବସ୍ଥା ଚାଲିଛି ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ଜଳେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଅବକାରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱନୀ କୁମାର ପାତ୍ର ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ କେତେକ ପ୍ରକଳ୍ପ ଚାଲିଥିବା ବେଳେ ଅମୃତ ଭାରତ ଷ୍ଟେସନ ଯୋଜନା ଜନସାଧାରଣଙ୍କ ଆଥିକ ଓ ସାମାଜିକ ବିକାଶରେ ସହାୟକ ହେବ ବୋଲି କହିଥିଲେ । ଉତ୍ତର-ପୂର୍ବ ପ୍ରବେଶଦ୍ୱାର ଜଳେଶ୍ୱରରୁ ରାଉରକେଲା ଓ ପର୍ଶ୍ଚିମପ୍ରାନ୍ତ କରାପୁଟକୁ ରେଳ ଯାତ୍ରା ଆରମ୍ଭ କରିବା ସଂପର୍କରେ ରେ କହିଥିଲେ । ଉକ୍ରଳ ଏକ୍ସପ୍ରେସ ବହୁ ଅତୀତରୁ ଜଳେଶ୍ୱରରେ ରହୁଥିବା ବେଳେ ଏବେ ରେଳବାୟୀ ଡାଉନ୍ ଯାତ୍ରାବେଳେ ରହଣୀ ବନ୍ଦ କରିଥିବାରୁ ଅତିଶୀଘ୍ର ଜନସାଧାରଣଙ୍କ ଯାତ୍ରାପାଇଁ ରହଣି ହେବା ଉଚିତ୍ ବୋଲି କହିଥିଲେ । ଅନ୍ୟପକ୍ଷରେ ଜଳେଶ୍ୱରର ବିକାଶ ଲାଗି ୨ଟି ସୁବର୍ଣ୍ଣରେଖାର ସେତୁ କାର୍ଯ୍ୟ ସରିଥିବା ବେଳେ ଅନ୍ୟ ୨ଟି ଆରମ୍ଭ ହେବାକୁ ଯାଉଛି । ଚାଲନ୍ତି ଓ ଜଳେଶ୍ୱର ଠାରେ ରେଳ ଓଭରବ୍ରିଜ୍ ଲୋକାର୍ପିତ ହେବାକୁ ଯାଉଥିବା ସୂଚନା ଦେଇଥିଲେ । ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ୨୩ କୋଟି ଟଙ୍କା ବ୍ୟୟରେ ବାଲେଶ୍ୱର ଜିଲାର କେବଳ ଜଳେଶ୍ୱର ଠାରେ ଅମୃତଭାରତ ଯୋଜନାରେ ଏପରି ଷ୍ଟେସନର ବିକାଶ କରାଯାଉଥିବାରୁ ରେଳ ଓ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଖଡଗପୁର ଡିଭିଜନ ଅଧିନରେ ବାରିପଦାଠାରେ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ଦିନରେ ବେତନଟି ଠାରେ ଏପରି କାର୍ଯ୍ୟ ହେବ ବୋଲି ସୂଚନା ଦେଇଥିଲେ । ଏବେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଯୋଗୁଁ ସମଗ୍ର ବିଶ୍ୱରେ ଭାରତର ପ୍ରଭାବ ଓ ପ୍ରତିପ୍ରତି ବୃଦ୍ଧି ପାଉଥିବା ତଥା ୨୦୪୭ ମସିହାରେ ସମଗ୍ର ବିଶ୍ୱରେ ଭାରତ ସର୍ବଶ୍ରେଷ୍ଠ ଦେଶ ହେବାକୁ ଯାଉଥିବା ସେ କହିଥିଲେ । ଏଥିରେ ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ଅଖିଳେଶ କୁମାର ପୌରହିତ୍ୟ କରି ଏଣିକି ଜଳେଶ୍ୱର ରେଳ ଷ୍ଟେସନର ଦୁଇପଟେ ଥିବା ସହରକୁ ଏକତ୍ରୀକରଣ କରିବା, ଷ୍ଟେସନର ବିକାଶ, ଯାତ୍ରୀଙ୍କ ସୁବିଧା, ଷ୍ଟେସନର ସୌନ୍ଦଜିକରଣ ଓ ସ୍ଥାନୀୟ କଳା, ସଂସ୍କୃତିର ବିକାଶ ଏହି ପ୍ରକଳ୍ପ ଦ୍ୱାରା ହୋଇ ପାରିବ ବୋଲି କହିଥିଲେ । ପୌରପାଳ ପାଳ ପ୍ରତୀପ ପ୍ରଧାନ ବକ୍ତବ୍ୟ ରଖିଥିବା ବେଳେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବିଡିଓ ପୁନମ୍ ରାଉତ ଉପସ୍ଥିତ ଥିଲେ । ଏସିଏମ୍ ଗତିଶକ୍ତି ଅଶୁତୋଷ କୁମାର ପ୍ରମୁଖ କେତେକ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାସଭାପତି ଉମାକାନ୍ତ ମହାପାତ୍ର, ପ୍ରବୀର କୁମାର ପ୍ରଧାନ, ଶୁଭଙ୍କର ମହାପାତ୍ର, ପ୍ରଦୀପ ପଣ୍ଡା, ମମତା ମହାପାତ୍ର, ଶୋଭନା ମହାନ୍ତି, ଅଂଶୁମାନ ମହାନ୍ତି, ଦିବ୍ୟକାମ ମହାନ୍ତି. ଶାନ୍ତନୁ ପଟ୍ଟନାୟକ, ଫାଲଗୁନୀ ପାଣିଗ୍ରାହୀ, ସିଦ୍ଧାର୍ଥ ଶଂକର ପାଳ, ସମୀର ପାତ୍ର, ରାମଚନ୍ଦ୍ର ଜେନା, ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# 'ପ୍ରତିଶ୍ରୁତି'ର କବିତା ଲିଖନ ପ୍ରତିଯୋଗିତା




ବାରିପଦା , ୭/୦୭ (ନି.ପ୍ର): ଦୀର୍ଘ ୪୧ ବର୍ଷ ଧରି ମୟୂରଭଂଜର ବାରିପଦାରୁ ପ୍ରକାଶ ପାଇ ଆସୁଥିବା ସାହିତ୍ୟ ସଂସ୍କୃତି ମୂଳକ ପତ୍ରିକା 'ପ୍ରତିଶ୍ରୁତି' ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କ ମଧ୍ୟରେ ଏକ କବିତା ଲିଖନ ପ୍ରତିଯୋଗିତା ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା କବିତା ଲିଖନର ଶୈଳୀ ସମ୍ପର୍କରେ ସୂଚନା ପ୍ରଦାନ ପୂର୍ବକ କହିଥିଲେ - କବିତା କବି ହୃଦୟର ଛାନ୍ଦସିକ ଅଭିବ୍ୟକ୍ତି । ସଂସ୍କୃତ ସାହିତ୍ୟର ଆଦିକବି ବାଲ୍ମୀକିଙ୍କ ଠାରୁ ଆରମ୍ଭ କରି ଓଡିଆ ସାହିତ୍ୟର ସାରଳା ଦାସ, ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭ, ରାଧାନାଥ ରାୟ, ଗଙ୍ଗାଧର ମେହେରଙ୍କର ବିଭିନ୍ନ କାବ୍ୟ କବିତାର ଉଦାହରଣ ସହ ଛାତ୍ରୀମାନଙ୍କ ଭିତରେ ଥିବା କବି ପ୍ରତିଭାକୁ ପରିସ୍ଫୁଟନ କରିବା ପାଇଁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ବିଶେଷ କରି ପିଲାମାନଙ୍କ ଭିତରେ ବର୍ତ୍ତମାନ ମାତୃଭାଷା ଓଡିଆ ପ୍ରତି ଆଗ୍ରହ ସୃଷ୍ଟି କରିବା ନିମେ' ପ୍ରତିଶ୍ରୁତି ତରଫରୁ ଆରମ୍ଭ କରାଯାଇଥିବା ନବ ପ୍ରତିଭା ସୃଜନୀ ପ୍ରୟାସ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା +୩ର ୨ୟ ବର୍ଷ ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ +୩ ୩ୟ ବର୍ଷର ଛାତ୍ରୀ ଲିପ୍‌ସା ମହାପାତ୍ର ଦ୍ୱିତୀୟ ଓ +୩ ୩ୟ ବର୍ଷର ଛାତ୍ରୀ ଯଶୋଦା ମହା' ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଇଂରାଜୀ ବିଭାଗର ପ୍ରାଧାପିକା ସାଗରିକା ସିଂହ ଯୋଗଦେଇଥିବା ବେଳେ ଓଡିଆ ବିଭାଗର ଅଧାପିକା ଶୁଭଶ୍ରୀ ଦାସ ବିଗ୍ରରକ ଭାବେ ଯୋଗ ଦେଇ କବିତା ଗୁଡିକର ମୂଲ୍ୟାୟନ କରିଥିଲେ । ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପ୍ରତିଶ୍ରୁତି ତରଫରୁ ପ୍ରତିଭା ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । ସଭାପତି ଡା. ଜେନା ତାଙ୍କ ଅଭିଭାଷଣରେ ପିଲାମାନେ ମାଆ ଓ ମାତୃଭାଷାକୁ ସମ୍ମାନ ଦେବା ପାଇଁ ଆହ୍ୱାନ ଦେବା ସହିତ ନବଧା ଭକ୍ତି ସମ୍ପର୍କରେ ବ୍ୟାଖ୍ୟା କରିଥିଲେ । ପରିଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ତନ୍ୟଦାତ୍ରୀଙ୍କ ଲାଗି ଖାଦ୍ୟ...

**ସ୍ତନ୍ୟଦାତ୍ରୀ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ।**



ଶିଶୁ ପାଇଁ ମା' କ୍ଷୀର ଅମୃତ। ତେଣୁ ଶିଶୁ ଜନ୍ମ ପୂର୍ବରୁ ହିଁ ପ୍ରକୃତି ମା' ସ୍ତନରେ ତା'ର ସନ୍ତାନ ପାଇଁ ଖାଦ୍ୟ ଭରି ଦେଇଥାଏ। ଯେଉଁଥିରେ କି ଶିଶୁର ଅଭିବୃଦ୍ଧି ନିମନ୍ତେ ଭରି ରହିଥାଏ ସମସ୍ତ ପୋଷକ ତତ୍ତ୍ୱ ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତି। ତେଣଉ ଜନ୍ମର ଅତି କମରେ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ସ୍ତନ୍ୟପାନ କରାଇବା ଲାଗି ପରାମର୍ଶ ଦିଆଯାଉଛି। ଆକାରରେ ଶିଶୁ ଶରୀରକୁ ଯାଉଥିବା ଉପାଦାନଗୁଡ଼ିକ ଯେପରି ମା' ଶରୀରରୁ ହ୍ରାସ ନପାଏ ତାହାକୁ ଭରଣା କରିବା ଲାଗି ତା'ଣ ଦୈନନ୍ଦିନ ଖାଦ୍ୟର ପରିମାଣ ବୃଦ୍ଧି କରାଇବା ଦରକାର। ଯେଉଁଥିଲାଗି ସେ ପୂର୍ବରୁ ଖାଉଥିବା ଖାଦ୍ୟଠାରୁ ଦୈନିକ ଭାତ ୬୦ଗ୍ରାମ, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ, ତେଲ, ଘିଅ୧୦ଗ୍ରାମ ଏବଂ ଚିନି, ଗୁଡ଼ ୧୦ଗ୍ରାମ ଅଧିକ ଖାଇବା ଆବଶ୍ୟକ। ସାଧାରଣତଃ ଅନେକଙ୍କ ମନରେ ଧାରଣା ଥାଏ ଯେ, ପ୍ରତିଦିନ ଗୋଟିଏ ଫଳ କିମ୍ବା ଅନ୍ୟ କେତେକ ଖାଦ୍ୟ ଖାଇବା ଦରକାର। ଅନ୍ୟ କେତେକ ଦେଖାଦେବ, ଯାହାକି ଉଭୟ ମା' ଏବଂ ଶିଶୁଙ୍କ ଲାଗି କ୍ଷତିକାରକ। ତେଣୁ ଉଭୟେ ସୁସ୍ଥ ରହିବା ଲାଗି ମା'କୁ ଦୈନିକ ମଧ୍ୟ ଏହି ଖାଦ୍ୟ ଖାଇବା ଠିକ୍ ନୁହେଁ, ଏହାକୁ ଖାଇଲେ ଶିଶୁର ଝାଡ଼ା ହେବ, ଦେହ ଖରାପ ହେବ ଇତ୍ୟାଦି



କହିଥାନ୍ତି।ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା ଯାହାକୁ ଆମେ ସୋସିଓ କଲ୍ଚରାଲ ଆସ୍ପେକ୍ଟସ ଅଫ ଫୁଡ଼ ବା ଆମ ଖାଦ୍ୟ ଅଭ୍ୟାସରେ ସାମାଜିକ ଓ ସାଂସ୍କୃତିକ କାଚଗୁଡ଼ିକର ପ୍ରଭାବ ବୋଲି କହିପାରିବା। କାରଣ ପ୍ରକୃତି ମା' କ୍ଷୀରକୁ ଏଭଳି ଭାବେ ପ୍ରସ୍ତୁତ କରିଛି ଯାହାକୁ ବୈଜ୍ଞାନିକମାନେ ଏତେ ଚେଷ୍ଟା କଲା ପରେ ବି ପ୍ରସ୍ତୁତ କରିବାରେ ଅସଫଳ ହୋଇଛନ୍ତି । ତେଣୁ ମା' ଖାଉଥିବା ଖାଦ୍ୟ କ୍ଷୀର

ଯଦି ଶିଶୁଟି କେବଳ ମା' କ୍ଷୀର ଖାଇବା ଦ୍ୱାରା ତା ଶରୀରରେ ବୃଦ୍ଧି ଘଟୁଛି ଏବଂ ଓଜନ ମଧ୍ୟ ବୃଦ୍ଧି ପାଉଛି, ଏହାର ଅର୍ଥ ଶିଶୁ କାର୍ବୋହାଇଡ୍ରେଟ୍ କ୍ୟାଲସିୟମ ପ୍ରୋଟିନ, ମିନେରାଲ୍ସ, ଭିଟାମିନ୍ସ ଭଳି ଆବଶ୍ୟକ ପୋଷକତତ୍ତ୍ୱ ।ର ଆକାରରେ ମା' ଶରୀରରୁ ଗ୍ରହଣ କରି ବଢୁଛି। ତେବେ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା' ଶରୀରରୁ ହ୍ରାସ ପାଉଛି। ଯାହାକୁ ଭରଣା କରିବା ଆବଶ୍ୟକ। କାରଣ ଯଦି ସ୍ତନ୍ୟପାନଦ୍ୱାରା ମା' ଶରୀରରୁ କ୍ୟାଲସିଅମ କମୁଛି ତେବେ ମା'ର ହାଡ଼ ଦୁର୍ବଳ ହେବ, ଆଇରନ କମିଗଲେ ରକ୍ତହୀନତା ଦେଖାଦେବ, ପ୍ରୋଟିନ କମିଗଲେ ପ୍ରୋଟିନ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବାପେକ୍ଷା ୫୦୦ କ୍ୟାଲୋରି ଅଧିକ ଆବଶ୍ୟକ। ତେବେ ପ୍ରଶ୍ନ ଆସୁଛି ଏହାକୁ ଭରଣା କରାଯିବ କିପରି ? ଏହାର ଏକମାତ୍ର ଉପାୟ ;ହେଉଛି ମା'ର ଖାଦ୍ୟବୃଦ୍ଧି। ଅନେକେ ଏଥିପାଇଁ ବିଭିନ୍ନ ଭିଟାମିନ ଔଷଧ, ପ୍ରୋଟିନ ପାଉଡ଼ର, ଆଡ଼ିଶନାଲ, ଫୁଡ଼୍ ସପ୍ଲିମେଣ୍ଟ ଗ୍ରହଣ କରିଥାନ୍ତି। ହେଲେ ଏସବୁ ଖାଦ୍ୟରେ ବିକଳ୍ପ ନୁହେଁ। କାରଣ ଜଣେ ଅସୁସ୍ଥ ବ୍ୟକ୍ତିକୁ ସୁସ୍ଥ ହେବା ଲାଗି ଔଷଧ ଖାଇବାକୁ ଦିଆଯାଇଥାଏ। କିନ୍ତୁ ଜଣେ ସୁସ୍ଥ ବ୍ୟକ୍ତି ଲାଗି ଖାଦ୍ୟ ହିଁ ଯଥେଷ୍ଟ। ତେଣୁ ସ୍ତନ୍ୟଦାତ୍ରୀ ମା'କୁ ଅଧିକ ଖାଦ୍ୟ ଯୋଗାଇଦେବାର ଅର୍ଥ ନୁହେଁ ଯେ, କୌଣସି ଆଡିଶନାଲ ଫୁଡ଼୍ ସପ୍ଲିମେଣ୍ଟ କିମ୍ବା ଔଷଧ ଦେବା। ତେଣୁ କ୍ଷୀର ଆକାରରେ ଶିଶୁ ଦେହକୁ ଯାଇ ତା'ର କୌଣସି ଅସୁବିଧା କରାଇ ନଥାଏ। କେବଳ କୋଡୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଁ ଠିକ ନୁହେଁ। ଏହା ବ୍ୟତୀତ ସ୍ତନ୍ୟଦାତ୍ରୀ ଭାତ, ଡାଲି, ଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାର ପ୍ରସ୍ତୁତ ଖାଦ୍ୟ, ଫଳରସ, ତେଲ, ଘିଅଠାରୁ ଆରମ୍ଭ କରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ ସୁସ୍ୱାଦୁ ଏବଂ ସୁପ୍ରାଚ୍ୟ ବୋ ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଉଥିବା ଅଧକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ଼ ଜାତ୍ୟ ଖାଦ୍ୟ ନଖାଇବା ଭଲ।

# ସାଢ଼େ ୫ଫୁଟ ଲମ୍ବ କେଶ ସଫାପାଇଁ ୧ବୋତଲ ଶ୍ୟାମ୍ପୁ



ଚୀନର ଜନୈକ ମହିଳାଙ୍କ ସମ୍ପର୍କିତ ଖବରକୁ ନେଇ ପୂରା ବିଶ୍ୱଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ୪୯ ବର୍ଷୀୟା ଫେନ ଲିଜି ସେଠାକାର ଝାଙ୍ଗଝୋଉ ଅଂଚଳର ବାସିନ୍ଦା। ଲୋକପ୍ରିୟତାକୁ ଆସିବା ପଛରେ ତାଙ୍କ କେଶ ହିଁ ମୁଖ୍ୟ କାଣଣ।। ଫେନ ୨୪ବର୍ଷ ହେଲାରି ନିଜ କେଶ କାଟିନାହାନ୍ତି। ଏଭଳି ପଦକ୍ଷେପ ସେ ନିଜ ମାଁଙ୍କ ପରାମର୍ଶରେ ନେଇଥିଲେ। ତାଙ୍କ୍ କେଶର ଲମ୍ବ ବର୍ତ୍ତମାନ ହେଉଛି ୫ଫୁଟ ୫ ଇଞ୍ଚ। ଘରୁ ସେ ବାହାରିବା ମାତ୍ରେ ଲୋକେ ତାଙ୍କ ଘନ ଓ ଲମ୍ବା ,କେଶକୁ ଦେଖିବା ପାଇଁ ଗହଳି କରନ୍ତି। ପ୍ରତିମାସରେ ଥୁଯିଏ ସେ ନିଜ କେଶକୁ ନିକଟସ୍ଥ ପାର୍ଲରରେ ସଫା କରନ୍ତି। ଏଥିପାଇଁ ୨୦୦ ମିଲିଲିଟରର ଶାମ୍ପୁ ବୋତଲ ଶେଷ ହୋଇଥାଏ। କେଶ ଶୁଖାଇବା ନିମନ୍ତେ ସେ କୌଣସି ହେୟାର ଡାୟରର ବ୍ୟବହାର କରନ୍ତି ନାହିଁ। ସେହି କାରଣରୁ ତାଙ୍କ ଲମ୍ବା କେଶ ଶୁଖିବା ନିମନ୍ତେ ୨ଦିନରୁ ଅଧିକ ସମୟ ଲାଗେ।ଏତେସବୁ ଅସୁବିଧା ସତ୍ତ୍ୱେ ତାଙ୍କ ଲମ୍ବା୦ କେଶ ପାଇଁ ଫେନ ଖୁବ୍ ଖୁସି। କୌଣସି ରେକର୍ଡ଼ କରିବାକୁ ଫେନଙ୍କର ଆଦୌ ଇଚ୍ଛା ନାହିଁ ?

# ଶ୍ୱାନ-ମନୁଷ୍ୟର ନିବିଡ଼ ବନ୍ଧୁତା



୧୦ ବର୍ଷ ଗବେଷଣା କରିବା ପରେ ସେମାନେ ଏକ ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି। ପରୀକ୍ଷାରୁ ଜଣାପଡ଼ୁଛି,କୁକୁରଙ୍କ ଏହି ବିଶ୍ୱସ୍ତ ଗୁଣ ବଂଶାନୁକ୍ରମିକ। ଆଜିର ଏହି କୁକୁରଙ୍କ ପୂବଜ ବିଲୁଆ ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି। କୁକୁରଙ୍କ ପରି ବିଲୁଆମାନେ ମଧ୍ୟ ବେଶ୍ ବିଶ୍ୱସ୍ତ। ପ୍ରାୟ ୨୦ହଜାରରୁ ୪୦ ହଜାର ବର୍ଷ ତଳେ ବିଶ୍ୱର ପ୍ରତ୍ୟେକ ପ୍ରାନ୍ତରେ ଲୋକେ ପାଳିତ ପଶୁ ଭାବେ ବିଲୁଆକୁ ରଖିଥିଲେ। ରାଜପରିବାରରେ ବିଲୁଆକୁ ରଖାଯାଇ ବିଶେଷ ଭାବେ ତାଲିମ ପ୍ରଦାନ ରାଯାଉଥିଲା।। ଆଜିର ସମୟରେ କୁକୁର ସେହି ସ୍ଥାନ ଗ୍ରହଣ କରି ସମସ୍ତଙ୍କ ପ୍ରିୟ ହୋଇପାରିଛି।

କୁକୁର ଏକ ବିଶ୍ୱସ୍ତପ୍ରାଣୀ, ଏଥିରେ ଦ୍ୱିମତ ହେବାର ନାହିଁ। ତେବେ ଏହା ପଛରେ ରହସ୍ୟ ଉନ୍ମୋଚନ କରିବାକୁ ଚେଷ୍ଟାକରିଲେ ଦକ୍ଷିଣ କ୍ରାଲୋଲିନାର ବିଶେଜ୍ଞେ ଦଳ। ପ୍ରାୟ

# ଶିଳାଲେଖ ପଠୋଦ୍ଧାର ପାଇଁ ପୁରସ୍କାର ଘୋଷଣା

ଚୀନର ଏକ ସଂଗ୍ରହାଳୟ ସେଠାକାର ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ସାଇଟର ସହାୟତା ନେଇ ଏକ ଘୋଷଣା ପ୍ରଚାର କରୁଛି। ହେନାନ ପ୍ରାନ୍ତରେ ଥିବା ଏନହାଙ୍ଗ ସହରର ନ୍ୟାସନାଲ ମ୍ୟୁଜିୟମ ଅଫ ଚାଇନିଜ ରାଇଟିଙ୍ଗ ପକ୍ଷରୁ ଏହି ଘୋଷଣା କରାଯାଇଛି। ସଂଗ୍ରହାଳୟର ମୁଖ୍ୟଙ୍କ କହିବାନୁସାରେ ସେଠାରେ ଅନେକ ଶିଳାଲେଖ ଅଛି, ଯାହା ଉପରେ ୩ହଜାର ବର୍ଷ ତଳେ ଲେଖା ହୋଇଥିବାରୁ ଅନୁମାନ କରାଯାଏ। ଏହି କାର୍ଯ୍ୟ ସେ ସମୟର ଶାଙ୍ଗ ରାଜବଂଶର ଲୋକେ କରିଥିବାର ଅନୁମେୟ। ତେବେ ଗତ ୬ବର୍ଷ ଧରି ବିଶେଷଜ୍ଞଗଣ ଏହି ଅକ୍ଷରକୁ ପଢ଼ିବାକୁ ଚେଷ୍ଟା କରି ଅସଫଳ ହେଉଛନ୍ତି। ସେହି ୬ବର୍ଷ ଧଣି ବିଶେଷଜ୍ଞଗଣ ଏହି ଅକ୍ଷରକୁ ପଢ଼ିବାକୁ ଚେଷ୍ଟା କରି ସଫଳ ହେଉଛନ୍ତି। ସେହି କାରଣରୁ ସଂଗ୍ରହାଳୟ ମୁଖ୍ୟ ଘୋଷଣା କରିଛନ୍ତି, ଯେଉଁ ବ୍ୟକ୍ତିବିଶେଷ ଏହି ପ୍ରାଚୀନ ଶବ୍ଦକୁ ବୁଝିପାରିବେ ତାଙ୍କୁ ଶବ୍ଦ ପିଛା ୧୦ଲକ୍ଷ ଟଙ୍କା ମିଳିବ। ଘୋଷରାର ୨ ସପ୍ତାହ ଅତିବାହିତ ହୋଇଥିବାସତ୍ତ୍ୱେ କେହି ଏ ଦିଗରେ ଆଗେଇ ଆସିନାହାନ୍ତି। ବେଜିଂ ବିଶ୍ୱବିଦ୍ୟାଳୟରଜନୈକ ବିଶେଷଜ୍ଞ କହିଛନ୍ତି, ଏହି ପ୍ରାଚୀନ ଭାଷାରେ ଭବିଷ୍ୟତର କାହାଣୀ ଉଲ୍ଲେଖ ଥିବାର ଅଭ୍ୟାସ ସେ ପାଇଛନ୍ତି। ହେଲେ ଏହାକୁ କେହି ପଢ଼ିପାରୁ ନାହାନ୍ତି କିମ୍ବା ବୁଝିପାରୁନାହାନ୍ତି।

# ୧ହଜାର ବର୍ଷ ପୁରୁଣା ସାମୁରାଇ ପ୍ରତିଯୋଗିତା



ଜାପାନର ଫୁକୁଶିମା ସହରରେ ପ୍ରତ୍ୟେକ ବର୍ଷ ଏହି ନିର୍ଦ୍ଦିଷ୍ଟ ସମୟରେ ସାମୁରାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ୧ସପ୍ତାହ ବ୍ୟାପୀ ପାଳିତ ହେଉଥିବା ଏହ ପ୍ରତିଯୋଗିତାରେ ଚଳିତଥର ୧୨ଜଣ ଘୋଡ଼ାଚଢ଼ାଳି ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି। ରବିବାର ଆରମ୍ଭ ହୋଇଛି ଏହି ଉତ୍ସବ। ଜାପାନର ଉତ୍ସବରେ ପାରମ୍ପାରିକ ନୃତ୍ୟ ପ୍ରଦର୍ଶିତ ହେବା ସହ ପୁରୁଣା ଦିନର ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ଅସ୍ଥାୟୀ ସଂଗ୍ରହାଳୟମାନ ସ୍ଥାପନ କରାଯାଇଥାଏ। ସେଠା ବୟସ୍କ ଲୋକଙ୍କ କହିବାନୁସାରେ ଏହି ପ୍ରତିଯୋଗିତା ୧ହଜାର ବର୍ଷ ପୁରାତନ। ମୁଖ୍ୟ ଆକର୍ଷଣ ହେଉଛି ଘୋଡ଼ା ଦୌଡ଼। ଏଥରକ ଘୋଡ଼ାଚଢ଼ାଳିମାନେ ୧ହଜାର ମିଟର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ପୁରା ରାଷ୍ଟ୍ରର ଉନ୍ନତି ନିମନ୍ତେ ଏଠାରେ ସାମୁହିକ ପ୍ରାର୍ଥନା ମଧ୍ୟ କରାଯାଇଥାଏ।

# ଗହମ ପ୍ରୋଟିନ୍ ପ୍ରତି ରୁହନ୍ତୁ ସତର୍କ

ଏଭଳି ଏକ ପ୍ରୋଟିନ ଅଛି ଯାହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ବୈଜ୍ଞାନିକମାନଙ୍କ ମତରେ ଗହମରେ ରହିଥିବା ପ୍ରୋଟିନ୍ 'ଦି ଆମିଲେସ-ଟ୍ରାଇପସନ୍ ଇନହିବିଟର୍ସ (ଏଟିଆଇ) ଶରୀରର ବିଭିନ୍ନ ଅଂଶରେ କୁପ୍ରଭାବ ପକାଇଥାଏ। ବିଶେଷକରି କିଡ଼ନୀ, ପେଟ ଉପରେ ଥିବା କୋଶିକାରେ ଘା' ଆଜମା, ଫ୍ୟାଟି ଲିଭର ଏସିଡ଼୍, ଅର୍ଥାଇଟିସ ଆଦି ରୋଗ ସୃଷ୍ଟି କରିଥାଏ। ଏହି ପ୍ରୋଟିନ ୪ ପ୍ରତିଶତରୁ ଅଧିକ ହେଲେ ଶରୀରରୁ ପ୍ରତିରୋଧକ ଶକ୍ତିକୁ କ୍ଷତି ପହଂଚାଇଥାଏ ଓ ପେଟର ପ୍ରତିକ୍ରିୟାକୁ ଶରୀରର ଅନ୍ୟ କୋଶିକାକୁ ବ୍ୟାପିବାରେ ସାହାଯ୍ୟ କରିଥାଏ। ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ଦେଇଛନ୍ତି, ମୁଖ୍ୟ ଗବେଷକ ତଥା ଜର୍ମାନୀର ଜୋହେନ୍ସ ଗୁଟେନବର୍ଗ ୟୁନିଭର୍ସିଟିର ପ୍ରଫେସର ଡେଲେଫ ସ୍କୁପନ। ପୂର୍ବରୁ ଗୁଟନ ଓ ଏହାର ଶରୀରର ହଜମଶକ୍ତି ଉପରେ ପ୍ରଭାବ ସମ୍ପର୍କରେ କୁହାଯାଉଥିଲା। କିନ୍ତୁ ଏହି ନୂତନ ରିସର୍ଚ୍ଚ ଏଟିଆଇ ଉପରେ ଦୃଷ୍ଟିକୋଣ ବଦଳାଇଛି।

# ୩୨ କୋଟିର ସମ୍ପତ୍ତି ଦାନରେ ମିଳିଲା



ଶିରିଡ଼ି ସାଇବାବାଙ୍କ ଟ୍ରଷ୍ଟକୁ ୩୨କୋଟି ଟଙ୍କାର ସମ୍ପତ୍ତି ଦାନରେ ମିଳିଛି। ଏହି ଦାନ ତାଙ୍କ ଭକ୍ତ କାଶୀନାଥ ଗୋବିନ୍ଦ ପାଟିଲ ପ୍ରଦାନ କରିଛନ୍ତି। କାଶୀନାଥ ସାଇବାବା ସଂସ୍ଥାନକୁ ଦୁଇଟି ଘର ଓ ଘରକୁ ଲାଗି ରହିଥିବା ଜମି ଦାନରେ ଦେଇଛନ୍ତି। ଘର ଓ ଜମିର ମୋଟ ମୂଲ୍ୟ ୩୨.୨୭ କୋଟି ଟଙ୍କା। ଶିରିଡ଼ିରେ ୯୭୮୨.୪୪ ବର୍ଗ ଫୁଟ ଅଂଚଳରେ ନିର୍ମିତ ସାଇ ପାଲକି ନିବାରା ନାମକ ଏହି କମ୍ପ୍ଲେକ୍ସରେ ମାଲିକାନା ସତ୍ତ୍ୱ ପାଟିଲଙ୍କ ନିକଟରେ ରହିଛି। ଘରଗୁଡ଼ିକ ପାଇଁ ସାଇ ଟ୍ରଷ୍ଟ ଏକ କୋଟି ୬୩ ଲକ୍ଷ ଟଙ୍କାର ରେଜିଷ୍ଟ୍ରେସନ୍ ଓ ଷ୍ଟାମ୍ପ ଡ୍ୟୁଟି ମଧ୍ୟ ଦେଇଛି। ଏହି ଘର ଗରିବ ପିଲାଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରଶିକ୍ଷଣ ଦେବା ପାଇଁ ବ୍ୟବହାର କରାଯିବ। ଆର୍ଥିକ ଭାବେ ପଛୁଆ ଓ ଆଦିବାସୀ ସମୁଦାୟର ଛାତ୍ରଛାତ୍ରୀ ଏଠାରେ ରହି ଏମପିଏସସି ଓ ୟୁପିଏସସି ଆଦି ପରୀକ୍ଷା ପାଇଁ ବିଶ୍ରାମ କଧକ୍ଷ ଭାବେ ବ୍ୟବହାର କରାଯାଉଛି। ଦାନ କରିଥିବା କାଶୀନାଥ କୋଡ଼ି ଗାଁର ବାସିନ୍ଦା। ସେ ବିରାଗ ସାଇଧାମ ମନ୍ଦିର ଟ୍ରଷ୍ଟର ଟ୍ରଷ୍ଟି ଅଛନ୍ତି।

# କର୍ମର ନିୟମ

କର୍ମ କରିବା ପାଇଁ ନିର୍ଦ୍ଦିଷ୍ଟ ନିୟମ କିମ୍ବା ବିଧି ନାହିଁ। ମାଧ୍ୟକର୍ଷଣ ଶକ୍ତି ଭଳି, କର୍ମ କରିବାର କୌଣସି ବିଜ୍ଞାନସମ୍ମତ କାରଣ କିମ୍ବା ଫଳ ମଧ୍ୟ ନାହିଁ। କେବଳ ବିଶ୍ୱାସ କରାଯାଏ, ଭଲ କାମ କଲେ ଭଲ ଫଳ ମିଳେ, ଆଉ ମନ୍ଦ କର୍ମର ଫଳ ମନ୍ଦ ହୁଏ। ଏଇ ବିଶ୍ୱାସ ହିଁ କର୍ମର ନିୟମ। ଅନ୍ଧାରରେ ଆଲୁଅ ଖୋଜୁଥିବା ମଣିଷ ଭିତରେ ଆଶା ଥାଏ, ସେ ନିଶ୍ଚୟ ଆଲୁଅ ଦେଖିବା ଆଶା ଦୃଢ଼ ହେଲେ ବିଶ୍ୱାସ ବଢ଼େ। ଶେଷରେ ସେ ଯାହା ପାଏ। ଏଣୁ, କର୍ମ ପାଇଁ ବିଶ୍ୱାସ ଠାରୁ ବଡ଼ ନିୟମ ଆଉ କିଛି ନାହିଁ। ବିଶ୍ୱାସ ରୂପକ ନିୟମ ପାଳନ କରି ଜଣେ ପାପୀ କିମ୍ବା ଅପରାଧୀ କୌଣସି ଉଚ୍ଚ ଆସନରେ ଅଧିଷ୍ଠିତ ହୋଇପାରେ। ଜଣେ ଉଚ୍ଚ ପଦରୁ ଖସି ଅପରାଧୀ ବି ପାଲଟିଯାଇପାରେ। ଦୁଃଖଜୀବନ ବିତାଉଥିବା ଦରିଦ୍ରକୁ କୁ-କର୍ମର ଫଳ କିମ୍ବା ସୁଖରେ ରହୁଥିବା ବ୍ୟକ୍ତି ନିଜ ସୁକର୍ମର ଫଳ ଭୋଗୁଥିବା କହିପାରନ୍ତି। କିନ୍ତୁ ବିଶ୍ୱାସ ହିଁ ଏହାର ମୂଳ। ଏହି ବିଶ୍ୱାସକୁ କର୍ମ ଭଲପାଏ କିମ୍ବା ମନ୍ଦହୁଏ। ସେହି ଅନୁସାରେ ଜଣେ ଫଳପାଏ।

# ସାହାଯ୍ୟର ପ୍ରତିଫଳ

ଜଙ୍ଗଲରେ ଥିବା କ୍ରୀତଦାସଙ୍କୁ ମାଲିକର ଲୋକମାନେ ଦେଖିବା ପରେ ଧରିନେଇଗଲେ। ସେହି କ୍ରୀତଦାସଟିକୁ ସିଂହର ପିଞ୍ଜରାରେ ଛାଡ଼ି ଦେବାକୁ ମାଲିକ ନିର୍ଦ୍ଦେଶ ଦେଲା। କ୍ରୀତଦାସଟି ପିଞ୍ଜରାରେ ମୃତ୍ୟୁକୁ ଅପେକ୍ଷା କରିଥିବାବେଳ ଦେଖିଲେ ସେହି ସିଂହଟି ଏକଦା ସେ ସାହାଯ୍ୟ କଣୁଥିବା ପଶୁଟି। ସିଂହଟି ବି କ୍ରୀତଦାସକୁ ଚିହ୍ନିପାରିଲା ଓ ତାକୁ କୌଣସି କ୍ଷତି କଲାନି। କ୍ରୀତଦାସ ସିଂହଟିକୁ ସାହାଯ୍ୟ କରିଥିବାରୁ ନିଜ ଜୀବନ ରକ୍ଷା କରିପାରିଥିଲା। ତେଣୁ କାହାକୁ ସାହାଯ୍ୟ କଲେ ତା'ର ପ୍ରତିଫଳ ନିଶ୍ଚୟ ମିଳିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଘୃଣାରୁ ମୁକ୍ତି...

ଉତ୍ତର ଭାରତର ଅନେକଗୁଡ଼ିଏ ଅଂଶରେ ସାମ୍ପ୍ରଦାୟିକତାର ଭାବ ଦ୍ୱାରା ପ୍ରୋତ୍ସାହିତ ଭିଡ଼ ହିଂସା, ହତ୍ୟାକାଣ୍ଡ ଏବଂ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ଭଳି ଘଟଣାମାନ ଘଟି ଚାଲିଥିବା ବେଳେ ମହାରାଷ୍ଟ୍ରର ଏକ ରେଳ ଷ୍ଟେସନରେ ଜଣେ ରେଳବାଇ ଗାର୍ଡ ନିଜର ଉପରିସ୍ଥ ଅଧିକାରୀଙ୍କ ସମେତ ଜୟପୁର ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବା ତିନିଜଣ ମୁସଲମାନଙ୍କୁ ଗୁଳି ମାରି ହତ୍ୟା କରିବା ଭଳି ଘଟଣା ଘୃଣାଜନିତ ଅପରାଧ ରୂପକ ମହାମାରୀ ଦେଶର ପଶ୍ଚିମ ଏବଂ ଦକ୍ଷିଣ ଭାଗକୁ ବ୍ୟାପିବାର ଚେତାବନୀ ପ୍ରଦାନ କରିଛି । ରେଳବାଇ ସୁରକ୍ଷା ବଳ ଲୋକମାନଙ୍କୁ ଦୃଢ଼ତାର ସହିତ ଏହା ଏକ ଧାର୍ମିକ ବିଶ୍ୱାସ ଦ୍ୱାରା ପ୍ରରୋଚିତ ହତ୍ୟାକାଣ୍ଡ ନୁହେଁ ବୋଲି ବୁଝାଇ ଆଶ୍ୱାସନା ପ୍ରଦାନର ଉଦ୍ୟମ କରିଥିବା ବେଳେ ସମ୍ପୃକ୍ତ ଗାର୍ଡ ଜଣକ ଏକାଧିକ ରେଳଡବା ଭିତରୁ ଖୋଜି 'ଦାଢ଼ି ରଖିଥିବା ଲୋକମାନଙ୍କୁ' ଗୁଳି ମାରି ହତ୍ୟା କରିବାକୁ ଉପରୋକ୍ତ ବିଶ୍ୱାସ ଭିନ୍ନ ଅନ୍ୟ କିଛି ଭାବରେ କ୍ୱଚିତ୍ ସହଜରେ ଗ୍ରହଣ କରାଯାଇ ପାରିବ। ମଣିପୁରରେ ସ୍ୱତନ୍ତ୍ର ସମ୍ପ୍ରଦାୟମାନଙ୍କ ମଧ୍ୟରେ ଦୁଇ ମାସରୁ ଅଧିକ ସମୟ ଧରି ଚାଲି ଆସୁଥିବା ସାମ୍ପ୍ରଦାୟିକ ହିଂସାକାଣ୍ଡ ଏବଂ ଖୁବ୍ ନିକଟରେ ହରିୟାଣାର ନୁହରେ ସମାନ ଧରଣର ହିଂସାକାଣ୍ଡ ଭଳି ସାମ୍ପ୍ରଦାୟିକତାର ବହ୍ନିରେ ଜଳୁଥିବା ଏକ ଦେଶ ପରିପ୍ରେକ୍ଷୀରେ ଉପରୋକ୍ତ ଘଟଣାକୁ ଦେଖିଲେ ଏହି କୁତ୍ସିତ କାଣ୍ଡ ଯେ ସେସବୁର ଏକ ସୂକ୍ଷ୍ମ ରୂପ, ତାହା ସହଜରେ ଯେ କେହି ବୁଝି ପାରିବେ । ଏକ ରାଜନୀତିର ନୈତିକ ଅଧମତାର ଏକ ନିର୍ଭରଯୋଗ୍ୟ ସୂଚକ ଭାବରେ ଘୃଣା ନିତିଦିନିଆ ସର୍ବବ୍ୟାପି ଦିଗରେ ରହିଛି । ବର୍ତ୍ତମାନର ଶାସନ କଳ ଅଧୀନରେ ସଂଖ୍ୟା ଗରିଷ୍ଠତାବାଦୀ ଭାରତ ଅବଶ୍ୟ ଯେ ଅବକ୍ଷୟର ଶୀର୍ଷବିନ୍ଦୁରେ ପହଞ୍ଚି ସାରିଛି, ତାହା ଅନେକେ ଅନୁଭବ କରନ୍ତି। ସାମ୍ପ୍ରଦାୟିକ ହିଂସାକାଣ୍ଡ, ଗଣ୍ଡଗୋଳ ଇତ୍ୟାଦି ବର୍ତ୍ତମାନ ସମୟର ଏକ ପରିଚିତ ଘଟଣା ହୋଇ ଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । ବିଶ୍ୱ ହିନ୍ଦୁ ପରିଷଦର ଏକ ଶୋଭାଯାତ୍ରାକୁ ନେଇ ହରିୟାଣାର ନୁହରେ ଆରମ୍ଭ ହୋଇଥିବା ସାମ୍ପ୍ରଦାୟିକ ହିଂସାକାଣ୍ଡ ଏବେ ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିବାକୁ ଆରମ୍ଭ କରିଛି : ପଡ଼ୋଶୀ ଗୁରୁଗ୍ରାମ ଏହାଦ୍ୱାରା ପ୍ରଭାବିତ ହୋଇଛି। ଆଉ ଇତ୍ୟବସରରେ ବିଭାଜନ ଏବଂ ବେଖାତିର ଭାବ ମଧ୍ୟରେ ରହିଥିବା ଉଦୀୟମାନ ଚୁକ୍ତର ପ୍ରମାଣ ସାମ୍ନାକୁ ଆସିବାକୁ ଲାଗିଛି, ଯାହାର ଏକ ଦୃଷ୍ଟାନ୍ତ ହେଉଛି ମହାରାଷ୍ଟ୍ରରେ ରେଳ ସୁରକ୍ଷା ବଳର ଉପରୋକ୍ତ କନ୍‌ଷ୍ଟେବଲ୍‌ର ଉନ୍ମତ୍ତ କାଣ୍ଡ । ସମାଜରେ ସନ୍ଦେହ, ଅବିଶ୍ୱାସ ଓ ଘୃଣାର ପ୍ରସାରକୁ ଦୃଢ଼ ହସ୍ତରେ ଦମନ କରିବା କ୍ଷମତାରେ ଥିବା ଶାସନ କଳର ଏକ ଦାୟିତ୍ୱ ଏବଂ କର୍ତ୍ତବ୍ୟ । ଆଉ ଯେତେବେଳେ ଏହା କରିବାରେ ବ୍ୟବସ୍ଥା ବିଫଳ ହୁଏ ଏବଂ ଏସବୁ ରୂପକ ବିଷ ଧୀରେ ଧୀରେ ସମାଜରେ ସଂଚରିବାକୁ ଲାଗେ, ସେତେବେଳେ କ୍ଷମତାଧାରୀମାନେ ଯେ ଏସବୁର ସହାପରାଧୀ ପାଲଟି ଯାଇଥାନ୍ତି, ତାହା ଅନେକେ ସ୍ୱୀକାର କରିବେ । ବର୍ତ୍ତମାନ ସମୟରେ ରାଷ୍ଟ୍ର ଏବଂ ବିଭାଜନର ଶକ୍ତିମାନଙ୍କ ମଧ୍ୟରେ ସହଯୋଗର ନଜିର ଢେର୍ ସଂଖ୍ୟାରେ ରହିଥିବା ପରିଦୃଷ୍ଟ ହୁଏ। ଭିଡ଼ ହିଂସା- ସଂଖ୍ୟାଲଘୁମାନଙ୍କୁ ଦଳେ ଲୋକ ପିଟିପିଟି ମାରିବା ଏହି ସଂକ୍ରମଣର ଏକ ସାଧାରଣ ରୂପ ହୋଇଥିବା ଦୃଷ୍ଟିରୁ- ବଜାୟ ରହିଥିବା ସମ୍ପର୍କରେ ଅଭିଯୋଗ ହୋଇଥବା ଏକ ନିବେଦନ ପ୍ରତି ପ୍ରତିକ୍ରିୟା ପ୍ରକାଶ କରି ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ନିକଟରେ କେନ୍ଦ୍ର ସରକାରଙ୍କ ସମେତ ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ହରିୟାଣା, ବିହାର ଏବଂ ମଧ୍ୟପ୍ରଦେଶ ରାଜ୍ୟମାନଙ୍କ ନିକଟକୁ ନୋଟିସ୍‌ମାନ ପଠାଇଛନ୍ତି । ତେହସିନ୍ ପୁନାୱାଲା ମାମଲାରେ ଭିଡ଼ତନ୍ତ୍ର ଅଭ୍ୟୁଦୟ ସମ୍ପର୍କିତ ବିଚାର କ୍ଷେତ୍ରରେ କାର୍ଯ୍ୟ କରିବାର ପାଞ୍ଚ ବର୍ଷ ପରେ ସର୍ବୋଚ୍ଚ ଅଦାଲତ ଏଥରେ ଲଗାମ୍ କଷିବା ପାଇଁ ଆଗେଇ ଆସିଥିଲେ । ବେଳକୁ ବେଳ ବୃଦ୍ଧି ପାଇ ଚାଲିଥିବା ଏଭଳି ବର୍ବରତାର ଅନ୍ତ ଘଟାଇବା ନିମନ୍ତେ ଅଦାଲତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପାଇଁ କେତେକ ପ୍ରତିଷେଧକାତ୍ମକ ମାର୍ଗଦର୍ଶିକା ଜାରି କରିଥିଲେ। ସରକାରମାନେ ସେମାନଙ୍କ ପ୍ରତିକ୍ରିୟାରେ ଅଶ୍ୱସ୍ତ ଅନୁଭବ କରିଥିବା ଜଣାପଡ଼ିଥିଲା। ଯଦି ସେପରି ହୋଇ ନଥାନ୍ତା, ତା'ହେଲେ ଜୁଲାଇ ମାସର ପ୍ରଥମାର୍ଦ୍ଧରେ ଏବଂ ଅନ୍ୟ ଏକ ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ୨୦୧୮ଠାରୁ ଏ ବାବଦରେ କ'ଣ ସବୁ କରିଛନ୍ତି, ଅଦାଲତ ତା'ର ଏକ ବିବରଣୀ ଜାଣିବାକୁ ଚାହିଁଥାନ୍ତେ କି ? କୌଣସି ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିବା ଏବଂ ଭିଡ଼ତନ୍ତ୍ରର ଅନ୍ୟାନ୍ୟ ରୂପଗୁଡ଼ିକ ଏବେ ସୁଦ୍ଧା ବଜାୟ ରହିବା ପଛରେ ଏହାକୁ ରୋକିବା ନିମନ୍ତେ ରାଜନୀତିକ ଇଚ୍ଛାଶକ୍ତିର ଅଭାବକୁ ଏକମାତ୍ର କାରଣ ଭାବରେ ଦର୍ଶାଯାଇପାରେ । ଉପରେ ସମର୍ଥନ ନ ଯୋଗାଇଲେ ମଧ ଭିତରେ ନିର୍ବାଚନ ଏବଂ ଆଦର୍ଶଗତ କାରଣ ଯୋଗୁଁ ଏହାକୁ ରାଜନୀତିକ ଦଳମାନେ ଇଚ୍ଛାକୃତ ଭାବରେ ଗ୍ରହଣ କରିନେବା ଏକ ସାଧାରଣ କଥା। କହିବା ବାହୁଲ୍ୟ, ଗଣତନ୍ତ୍ରରେ ଭିଡ଼ତନ୍ତ୍ରର କ୍ୱଚିତ୍ ସ୍ଥାନ ରହିଥିବାରୁ ନ୍ୟାୟପାଳିକା ଏହାକୁ ବିରୋଧ କରି ଅବଶ୍ୟ ତାଙ୍କର ଦାୟିତ୍ୱ ନିଷ୍ପାଦନ କରିଛନ୍ତି। ତେବେ ସର୍ବସାଧାରଣ ମଧ୍ୟ ନ୍ୟାୟପାଳିକାଙ୍କ ସ୍ୱରରେ ସ୍ୱର ମିଳାଇବା ସଙ୍ଗେ ସଙ୍ଗେ ପୂର୍ଣ୍ଣ ପ୍ରାଣରେ ନ୍ୟାୟପାଳିକାଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଉଚିତ । ସାମ୍ପ୍ରତିକ ଶାସନ କାଳର ସଂଖ୍ୟା ଗରିଷ୍ଠତାବାଦକୁ ଏକ ଉଲ୍ଲେଖନୀୟ ସଂଖ୍ୟକ ଭାରତୀୟ ପସନ୍ଦ କରନ୍ତି ନାହିଁ । କିଛି ମାସ ପୂର୍ବେ ସମ୍ପନ୍ନ ହୋଇଥିବା ଭାରତ ଯୋଡ଼ା ଯାତ୍ରା ପ୍ରତି ଲୋକମାନଙ୍କଠାରେ ପରିଲକ୍ଷିତ ହୋଇଥିବା ଉତ୍ସାହ ଉଦ୍ଦୀପନା ଏହି ବିରୋଧର ପ୍ରମାଣକୁ ବହନ କରେ । ସମୟ ଉପଗତ ହୋଇଛି, ଭାରତୀୟମାନେ ଘୃଣା ବିରୁଦ୍ଧରେ ଜରୁରୀକାଳୀନ ଭିତ୍ତିରେ ସଂଗ୍ରାମ କରିବା ଉଚିତ ତାହା ସଡ଼କରେ ହେଉ କି ସେମାନଙ୍କ ମସ୍ତିଷ୍କରେ ଏବଂ ଘୃଣାଜନିତ ଅପରାଧକୁ ସମାପ୍ତ କରିବା ନିମନ୍ତେ ରାଜନୀତିକ ଇଚ୍ଛାଶକ୍ତି ହେଉଛି ସମୟର ଆବଶ୍ୟକତା ।

# ମୁଣ୍ଡ ନେଉଛି ଜାଇକା; କାଳ ସାଜିଛି ବକ୍ସ ଡ୍ରେନ୍ : ନିଷ୍କାସିତ ହୋଇପାରୁନି ବର୍ଷାଜଳ


ମହେଶ୍ୱର ରାଓ


**ଜୁଲାଇ ୧୬ରେ ରାଜସ୍ଥାନର ଜଣେ ଯୁବକଙ୍କ ମଧ ଏହି ବକ୍ସଡ୍ରେନ ପାଇଁ ଜୀବନ ଚାଲିଗଲା। ଗତ ୭ ତାରିଖରେ ଜଣେ ସଫେଇ କର୍ମଚାରୀ ନରସିଂହ ରାଓଙ୍କର ମଧ ସ୍ୱରେଜ ଟାଙ୍କି ସଫା କରୁଥିବାବେଳେ ମୃତ୍ୟୁ ହୋଇଯାଇଥିଲା। ଏଥିରୁ ମାତ୍ର ଜଣଙ୍କର ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ସିଏମସି ଏବଂ ଜାଇକାରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ।**

ସହରର ମୁଖ୍ୟ ନାଳ ଜାଇକା କାମ ଯୋଗୁଁ ଅବ୍ୟବସ୍ଥିତ ହୋଇପଡ଼ିଥିବା ବେଳେ ଛୋଟବଡ଼ ନାଳଗୁଡ଼ିକ ପଙ୍କରେ ପୋତି ହୋଇପଡ଼ିବାରୁ ଜଳ ନିଷ୍କାସନ କ୍ଷମତା ଯଥେଷ୍ଟ ହ୍ରାସ ପାଇଛି। ଏଥିଯୋଗୁଁ ପ୍ରତିବର୍ଷ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୩୦ ମିମିରୁ ଅଧିକ ବର୍ଷା ହେଲେ ପ୍ରାୟ ୧୧୦୦ କିମି ନାଳରେ ବର୍ଷାଜଳ ନିଷ୍କାସନ ହୋଇପାରିବନି ବୋଲି ଏକ ଆକଳନରୁ ଜଣାପଡ଼ିଛି। ନାଳ ସମସ୍ୟାକୁ ସୁଧାରିବା ପାଇଁ ଏକ ନୂତନ ଡ୍ରେନେଜ ଡିଭିଜନ ବିଭାଗ ଖୋଲିବା ପାଇଁ ପରିକଳ୍ପନା କରାଯାଇଥିଲେ ମଧ ତାହା କାଗଜକଲମରେ ସୀମିତ ରହିଛି।

ଏହି ଆଠମାସ ମଧରେ କେବଳ ଜାଇକାରେ ଚାରୋଟି ମୁଣ୍ଡ ଚାଲିଗଲାଣି। ପୂର୍ବରୁ କେତେ ଯାଇଛି ତାହାର ହିସାବ ନାହିଁ। ଏମିତି ଗୋଟେ ପରେ ଗୋଟେ ମୁଣ୍ଡ ଜାଇକାରେ ଯାଉଛି। କିନ୍ତୁ କର୍ତ୍ତୃପକ୍ଷ ଚପ୍। ନା କଟକ ମହାନଗର ନିଗମ ନା ଜାଇକା କର୍ତ୍ତୃପକ୍ଷ କେହି କିଛି କରୁଛନ୍ତି କି' ପଦକ୍ଷେପ ଗ୍ରହଣ ରୁଛନ୍ତି। ବର୍ଷାଦିନେ ଏହି ସମସ୍ୟା ଆହୁରି ସାଂଘାତିକ ଅବସ୍ଥା ହେଲାଣି। ଜାଇକା ବକ୍ସଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ ହେଉ ନଥିବାରୁ ପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଛି।

ଜାଇକା ପକ୍ଷରୁ କଟକ ସହରରେ ଡ୍ରେନେଜ୍ ଠାରୁ ଆରମ୍ଭ କରି ବକ୍ସଡ୍ରେନ ପର୍ଯ୍ୟନ୍ତ ନିର୍ମାଣ ଚାଲିଛି। ପ୍ରାୟ ୧୨ ବର୍ଷ ଧରି ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ ଏହା ଶେଷ ହେଉନାହିଁ। ବାରମ୍ବାର ଶେଷ ହେବା ପାଇଁ କଣ୍ଟ ଧାର୍ଯ୍ୟ ହେଉଛି। ପ୍ରଥମେ ୨୦୧୮ ସେପ୍ଟେମ୍ବରରେ ଶେଷ ହେବ ବୋଲି କୁହାଗଲା। କିନ୍ତୁ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ଫଳରେ ପୁନର୍ବାର ୨୦୨୨ ଡିସେମ୍ବରକୁ କାମ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ଏବେ ଏହି ସମୟ ଯାଇ ୨୦୨୩ ଶେଷ ହେବାକୁ ବସିଛି। କିନ୍ତୁ ଚଳିତବର୍ଷ ମଧ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିବ ନାହିଁ ବୋଲି ଜଳ ଜଳ ଦିଶୁଛି। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ନ ହୋଇ ବାରମ୍ବାର ସମୟ ଗଡ଼ାଇ ଚାଲିଥିବାରୁ ପ୍ରକଳ୍ପ ଅର୍ଥ ୭୫୦ କୋଟିରୁ ଆସି ୩ ହଜାର ୭୦ କୋଟିରେ ପହଞ୍ଚିଲାଣି। କିନ୍ତୁ ଏହି ପ୍ରକଳ୍ପ ପାଇଁ କଟକ ସହରରେ ଅନେକ ମୁଣ୍ଡ ଚାଲିଗଲାଣି। ଚଳିତ ବର୍ଷ ମେ' ୨୯ ତାରିଖ ଦିନ ମାତୃଭବନ ନିକଟରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ସେଠାରେ ଏକ କାରରେ ଯାଉଥିବା ଦମ୍ପତି ନାଳରେ ଗଳି ପଡ଼ିଥିଲେ। ଏଥିରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା। ମେ' ୩୦ ତାରିଖ ଦିନ ଜଣେ ଛାତ୍ରୀ ମଧ ଏହି ବକ୍ସଡ୍ରେନ୍‌ରେ ଅଟକି ଯିବାରୁ ମୃତ୍ୟୁ ହୋଇଥିଲା। ଜୁଲାଇ ୧୬ରେ ରାଜସ୍ଥାନର ଜଣେ ଯୁବକଙ୍କ ମଧ ଏହି ବକ୍ସଡ୍ରେନ ପାଇଁ ଜୀବନ ଚାଲିଗଲା। ଗତ ୭ ତାରିଖରେ ଜଣେ ସଫେଇ କର୍ମଚାରୀ ନରସିଂହ ରାଓଙ୍କର ମଧ ସ୍ୱରେଜ ଟାଙ୍କି ସଫା କରୁଥିବାବେଳେ ମୃତ୍ୟୁ ହୋଇଯାଇଥିଲା। ଏଥିରୁ ମାତ୍ର ଜଣଙ୍କର ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ସିଏମସି ଏବଂ ଜାଇକାରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ।

ନାଳ ନିର୍ମାଣ ଢ଼ାଞ୍ଚା ଢ଼ାଞ୍ଚା ଠିକ ଭାବେ ହୋଇଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଜଟିଳ ହେଉଛି। ରାସ୍ତା ଓ ଡ୍ରେନ ଏକାକାର ହେବା ସହିତ ଘଣ୍ଟା ଘଣ୍ଟା ଧରି ଦୂଷିତ ଜଳ ଜମି ରହୁଛି। ଓଡ଼ିଶା ପୌର ନିଗମ ନିୟମ ଅନୁଚ୍ଛେଦ ୨୮୭ (୧) ଅନୁଯାୟୀ ସହରରୁ ଜଳ ନିଷ୍କାସନ କରିବା ପାଇଁ ଆବଶ୍ୟକ ନୂତନ ନାଳ ନିର୍ମାଣ, ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ନିଗମ ଉପରେ ନ୍ୟସ୍ତ କରାଯାଇଛି। ସମ୍ପ୍ରତି ମହାନଗର ନିଗମ ଏହା କରୁଥିଲେ ସୁଦ୍ଧା ତାହାକୁ ସୁଚାରୁରୂପେ ସମ୍ପାଦିତ କରିପାରୁନାହିଁ। ଉପଯୁକ୍ତ ଜ୍ଞାନକୌଶଳ ଓ ଯୋଜନା ଅଭାବ ସହିତ ଭବିଷ୍ୟତକୁ ଦୃଷ୍ଟି ରଖି ନାଳ ବ୍ୟବସ୍ଥା ତିଆରି କରାଯାଉନାହିଁ। ଏଥିପାଇଁ ଆବଶ୍ୟକ ଡ୍ରେନେଜ ଡିଭିଜନ ନଥିବାରୁ ତାହା ହୋଇପାରୁନାହିଁ। ମହାନଗର ନିଗମରେ ଥିବା ଯନ୍ତ୍ରୀମାନେ ଏଥିପ୍ରତି ଯତ୍ନବାନ ହେଉନାହାଁନ୍ତି। ପୂର୍ବରୁ ଥିବା ନାଳ ଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ନିର୍ମାଣ ହୋଇ ନଥିବାରୁ ସେଥିରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ସମ୍ପ୍ରତି ସହରରେ ୧୭୨୪ କିଲୋମିଟର ପର୍ଯ୍ୟନ୍ତ ନାଳ ପରିବ୍ୟାପ୍ତ ହୋଇଛି। ସେଥିରୁ ମୁଖ୍ୟ ନଳ ଏମଏସଡବ୍ଲ୍ୟୁସି-୧ ଓ ଏମଏସଡବ୍ଲ୍ୟୁସି-୨ରେ ଦୂଷିତ ଜଳ ପ୍ରବାହିତ ହୋଇ ନଦୀରେ ମିଶୁଛି। ୨୯ କିଲୋମିଟର ଶାଖା ନାଳ ରହିଥିବାବେଳେ ୬୫୦ କିଲୋମିଟର ମଧ୍ୟମ ଏବଂ ୧୦୨୮ କିଲୋମିଟର କଚ୍ଚା ନାଳ ସହରରେ ରହିଛି। ଏହି ନାଳ ଗୁଡ଼ିକ ମଧ୍ୟରୁ ପ୍ରାୟ ୧୧୦୦ କିମି ନାଳ ଅବ୍ୟବସ୍ଥିତ ଭାବେ ରହିଥିବାରୁ ପ୍ରତିବର୍ଷ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଛି। ଅନ୍ୟପକ୍ଷରେ ପ୍ଲାଷ୍ଟିକ, ପଲିଥିନ ଓ ଆବର୍ଜନା ଆଦି ନାଳରେ ଭର୍ତ୍ତି ହେବା ଯୋଗୁଁ ଅର୍ଦ୍ଧାଧିକ ନାଳରେ ଜଳ ନିଷ୍କାସିତ ହୋଇପାରୁନାହିଁ। ଏହି ସମସ୍ୟାକୁ ସୁଧାରିବା ପାଇଁ କର୍ତ୍ତୃପକ୍ଷ ୨୦୧୫ରେ ସ୍ୱତନ୍ତ୍ର ଭାବେ ଡ୍ରେନେଜ ବିଭାଗ ଖୋଲିବା ପାଇଁ ଯୋଜନା କରିଥିବାବେଳେ ୨୦୧୭ ଅକ୍ଟୋବର ୩୧ରେ କାଉନସିଲ ବୈଠକରେ ଅନୁମୋଦନ ହୋଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଡିଭିଜନର କୌଣସି ପ୍ରକ୍ରିୟା ଆଗେଇ ପାରିନାହିଁ। ସିଏମସି କର୍ତ୍ତୃପକ୍ଷ ଏଥିନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଉପରେ ଚାପ ପ୍ରୟୋଗ କରୁନାହାନ୍ତି। ନାଳ ନିର୍ମାଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଉଛନ୍ତି। ନିର୍ମାଣରେ ବୈଷୟିକ ତ୍ରୁଟି ରହୁଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ। ଏଥିପାଇଁ ଅଯଥାରେ ଅର୍ଥଶ୍ରାଦ୍ଧ କରାଯାଉଛି।


+ତନ୍ତୀସାହି (ଓଡ଼ିଆ ବଜାର),
ଦରଘା ବଜାର, କଟକ,
ମୋ : ୯୦୪୦୨୨୮୪୯୧


# ବର୍ଷକୁ ଆମ ଦେଶରେ ହାରାହାରି ୧୫୦୦୦ ଅଙ୍ଗଦାନ ହେଉଛି




ସୁବ୍ରତ କର


**ଦଶର ଲୋକସଂଖ୍ୟା ପ୍ରାୟ ୧୪୦ କୋଟିରୁ ବେଶି। ସେଥିରୁ ମୋଟ ୧୫୦୦୦ ଲୋକେ ଅଙ୍ଗଦାନ କରିବା ପାଇଁ ଆଗଭର ହେଉଛନ୍ତି। ଶତକଡ଼ା ୫ ଭାଗ (ଲୋକ ସଂଖ୍ୟାର) ହିସାବକୁ ନେଲେ ସାଢ଼େ ସାତ ଲକ୍ଷ (୭୫୦୦୦୦) ଲୋକ ଅଙ୍ଗ ଦାନ କରିବା କଥା। ନିଶ୍ଚିତ ଭାବରେ ଆମେ ବହୁତ ପଛରେ ପଡ଼ିଛୁ। ଅଙ୍ଗଦାନ ହେଉ ବା ଶରୀର ଦାନ ହେଉ ଏହାପାଇଁ ଲୋକଙ୍କ ପାଖରେ ଆମ୍ଭେମାନେ ଠିକ୍ ଭାବରେ ପହଂଚି ପାରିନାହୁଁ କାରଣ ଆମେ ଠିକ୍ ଭାବରେ ସଚେତନ ନୁହଁ ଏବଂ ସରକାର ମଧ୍ୟ ଠିକ୍ ଭାବରେ ସଚେତନ କରିବା ପାଇଁ ଉଚିତ ପଦକ୍ଷେପ ମାନ ନେଇ ନାହାନ୍ତି।**

ସାରା ଦେଶରେ ପ୍ରତିବର୍ଷ ଜୁଲାଇ ମାସକୁ ଅଙ୍ଗଦାନ ମାସ ହିସାବରେ ପାଳନ କରାହୋଇଥାଏ। ସମସ୍ତେ ଜାଣନ୍ତି ଅଙ୍ଗଦାନ ଜୀବନଦାନ ସହିତ ସମାନ। ଗତ ୨୦୧୩ ମସିହା ପର୍ଯ୍ୟନ୍ତ ୫୦୦୦ ଅଙ୍ଗଦାନ ହେଉଥିଲା କିନ୍ତୁ ସରକାରଙ୍କ (ଦିଲ୍ଲୀ ସରକାର ଏବଂ ରାଜ୍ୟ ସରକାର) ପ୍ରୋତ୍ସାହିତ କରିବା ଫଳରେ ଏବେ ପ୍ରତିବର୍ଷ ପ୍ରାୟ ୧୫୦୦୦ ହଜାର ପର୍ଯ୍ୟନ୍ତ ଅଙ୍ଗଦାନ ହୋଇପାରୁଛି। ଏହାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ଅଙ୍ଗଦାନ ମହୋତ୍ସବ ନାମରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଏହାକୁ ଫଳପ୍ରଦ କରିବା ପାଇଁ ବିଭିନ୍ନ ମେଡିକାଲ କଲେଜ ଏବଂ ଡାକ୍ତରଖାନା ମାନଙ୍କରେ ଅଙ୍ଗକୁ ଗ୍ରହଣ କରିବା, ପ୍ରତିରୋପଣ କରିବାର ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଏମିତିକି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ମଧ୍ୟ ସରକାରଙ୍କ ତରଫରୁ ଅନୁରୋଧ କରାହୋଇ ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନେବାପାଇଁ କୁହା ହୋଇଛି। କିନ୍ତୁ ଏହା ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ନୁହଁ ନିଶ୍ଚିତ। ଦେଶର ଲୋକସଂଖ୍ୟା ପ୍ରାୟ ୧୪୦ କୋଟିରୁ ବେଶି। ସେଥିରୁ ମୋଟ ୧୫୦୦୦ ଲୋକେ ଅଙ୍ଗଦାନ କରିବା ପାଇଁ ଆଗଭର ହେଉଛନ୍ତି। ଶତକଡ଼ା ୫ ଭାଗ (ଲୋକ ସଂଖ୍ୟାର) ହିସାବକୁ ନେଲେ ସାଢ଼େ ସାତ ଲକ୍ଷ (୭୫୦୦୦୦) ଲୋକ ଅଙ୍ଗ ଦାନ କରିବା କଥା। ନିଶ୍ଚିତ ଭାବରେ ଆମେ ବହୁତ ପଛରେ ପଡ଼ିଛୁ। ଅଙ୍ଗଦାନ ହେଉ ବା ଶରୀର ଦାନ ହେଉ ଏହାପାଇଁ ଲୋକଙ୍କ ପାଖରେ ଆମ୍ଭେମାନେ ଠିକ୍ ଭାବରେ ପହଂଚି ପାରିନାହୁଁ କାରଣ ଆମେ ଠିକ୍ ଭାବରେ ସଚେତନ ନୁହଁ ଏବଂ ସରକାର ମଧ୍ୟ ଠିକ୍ ଭାବରେ ସଚେତନ କରିବା ପାଇଁ ଉଚିତ ପଦକ୍ଷେପ ମାନ ନେଇ ନାହାନ୍ତି। ଏହାପାଇଁ ପ୍ରତି ମେଡିକାଲ କଲେଜ (ସରକାରୀ ବା ବେସରକାରୀ) ବା ଡାକ୍ତରଖାନାମାନଙ୍କରେ ଜିଲ୍ଲାସ୍ତରରେ ଗୋଟାଏ ବିଭାଗ ଖୋଲିବାର ଆବଶ୍ୟକତା ଅଛି। ଏଥିରେ ଡାକ୍ତର ସହିତ କିଛି ଅଭିଜ୍ଞତା ଥିବା ଲୋକ ଏବଂ ସ୍ୱେଚ୍ଛାସେବୀ ସଂଗଠନକୁ ସାମିଲ କରିବା ଦରକାର ଏବଂ ଏମାନଙ୍କୁ ବର୍ଷକୁ ଟାର୍ଗେଟ ଦେବାର ମଧ୍ୟ ଆବଶ୍ୟକତା ଅଛି। ଏହା ସହିତ ବିଶେଷ କରି ଯେଉଁମାନେ ଦେହଦାନ କରୁଛନ୍ତି ବା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ପାଇଁ କିଛି ଅର୍ଥରାଶିର ମଧ୍ୟ ବ୍ୟବସ୍ଥା ହେବା ଉଚିତ୍। ମନେହଏ ଏ ସବୁ ବିଷୟରେ ଏ ପର୍ଯ୍ୟନ୍ତ ସରକାର ବିଶେଷ ଭାବରେ ଧ୍ୟାନ ଦେଇନାହାନ୍ତି। ଅନେକ ମେଡିକାଲ କଲେଜରେ ଏବେ ମଧ୍ୟ ଶରୀରର ଆବଶ୍ୟକତା ଅଛି ଏବଂ ଅତି ଚଢ଼ା ଦରରେ କିଣି କାମ ଚଳାଉଛନ୍ତି। ମାଗଣାରେ ବା ସ୍ୱଇଚ୍ଛାରେ ଦେହ ଦାନ କରିବାପାଇଁ ପ୍ରଚୁର ଲୋକ ପ୍ରସ୍ତୁତ ଅଛନ୍ତି କିନ୍ତୁ ସେମାନଙ୍କ ପାଖରେ ଠିକ୍ ଭାବରେ ପହଂଚି ପାରିନାହିଁ ଏବଂ ଦେହ ଦାନ କରିବା ଲୋକଙ୍କୁ ମଧ୍ୟ ପଦ୍ଧତି ଠିକ୍ ସେ ଜଣା ନାହିଁ। ମୋର ଜାଣିବାରେ, ମୃତ୍ୟୁ ପରେ ଜଣେ ଲୋକ ପାଖରୁ ବୃକ୍କ୍, ଯକୃତ, ଫୁସଫୁସ, ଚକ୍ଷୁ, ଅଗ୍ନାଶୟ, ହୃତପିଣ୍ଡ, ଚର୍ମ ଏବଂ ହାଡ଼ ପ୍ରଭୃତି ଅଙ୍ଗ ମିଳିପାରିବ। ଏକା ସାଙ୍ଗରେ ଜଣେ ଚାହିଲେ ୮ଜଣ ଲୋକଙ୍କ ଜୀବନକୁ ବଂଚାଇ ପାରିବ। ଲୋକେ ପ୍ରସ୍ତୁତ ଦେବାପାଇଁ, କିନ୍ତୁ ସରକାର ନେବାପାଇଁ ଠିକ୍ ସେ ପ୍ରସ୍ତୁତ ନୁହନ୍ତି। ମୋର ଅନୁରୋଧ ସରକାରଙ୍କୁ, ସ୍ୱେଚ୍ଛାସେବୀ ସଂଗଠନକୁ ଏବଂ ବ୍ୟକ୍ତିଗତ ଭାବରେ ଚେଷ୍ଟା କରିଲେ ହଜାର ହଜାର ଜୀବନକୁ ଆମେ ବଂଚାଇ ପାରିବା। ଚେଷ୍ଟା ଜାରି ରହୁ।




## କୁଳକୁ କଳଙ୍କ


ନିରଞ୍ଜନ ସାହୁ




କେବେ ସପନରେ କେବେ
ଗୋପନରେ
କେବେ ଖୋଲାସ୍ଥାନେ ଦେଖା
କେବେ କାନ୍ଥବାଡ଼େ କେବେ
ରାସ୍ତାଘାଟେ
ଆମ ନାଆଁ ପୁଣି ଲେଖା ।

ଗାଆଁ ସାରା କେତେ ଟୁପୁରୁଟାପର
ଫୁସୁରୁଫାସର କେତେ
ଯାହାର ମନକୁ ଯେପରି ଆସିଛି
କହିଛନ୍ତି ଯିଏ ଯେତେ
କଟକଣା କରି ଟାଣି ପାରିଛନ୍ତି
ଲକ୍ଷ୍ମଣର ତିନି ରେଖା ।

ସାମାଜିକ କଟକଣା ବି ଲାଗିଛି
ଲାଗିଛି ବଢ଼ିଆ ନାଟ
ତୁମ ଆମ ସାଥେ କଥା ଯେ କହିବ
ତତକ୍ଷଣ ସମ୍ପର୍କ କାଟ
ଏବେ ଆମ ପାଇଁ ମାମଲତକାର
କେତେକେତେ ଭଦ୍ରମୁଖା ।


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩


## ବରଷା ଆସୁଛି


ଲବଦାନ ନାଏକ




ବିଜୁଳିର ସେହି ଘଡଘଡି ଡାକ ଶୁଣି
ଆଜି ମୟୂର ନାଚୁଛି ବଣରେ
ଯେବେ ପାଇଛି ଖବର
ମେଘ ସବାରୀରେ
ବସି ଆସୁଅଛି ବୋଲି
ବରଷା ରାଣୀ ଏ ଧରାରେ ।

ମାଳ ମାଳ କଳା ମେଘ
ଆକାଶରେ ଉଡି ବୁଲୁ ଥିବା ଦେଖି
ଚାଷୀ ଭାଇ ମନ
ନାଚି ଉଠେ ଥେଇ ଥେଇ
କେତେ ଖୁସି କେତେ ଆନନ୍ଦରେ ।

ବରଷା ଆସୁଛି ଆଜି ବରଷା ଆସୁଛି
ଚୁମ୍ବନ ଦେବ ବୋଲି
ଏହି ବସୁଧାଙ୍କର ଦୁଇ ଗାଲରେ ।

ବରଷା ରାଣୀର ଚୁମ୍ବନ ପାଇଲା କ୍ଷଣି
ଚଳ ଚଞ୍ଚଳ ହୋଇ ଉଠିବ
କ୍ଳାନ୍ତ ହୋଇ ଶୋଇ ଥିବା
ଏ ଶୁଖିଲା ଭୂଇଁ
ପୁଣି ଧୂସର ଭୂଇଁରେ
ସବୁଜ ଘାସ ଜନମିବ
ନୂତନ ଚେତନା ରୂପ ନେଇ ।

ପୁରା ହେବ ଅଧା, ବନ୍ଧ ଅଛି ଯେତେ
ପୁଣି ଉଛୁଳି ଉଠିବ ଝରଣା
ନଇ ପାଣି କେତେ
ଦଶ ଦିଗରେ, ଝର ଫୁଟି ଉଠିବ
ସେ ଝର ଫୁଟା ପାଣିରେ
ବସୁଧା ମାଆ ମୋ
ଗାଧେଇବ ସତେ ।

ବରଷା ଆସୁଛି ଆଜି ବରଷା ଆସୁଛି
ଏହି ବାର୍ତ୍ତା ମିଳି ଅଛି ପରା ମୋତେ।


+୩ଦ୍ୱିତୀୟ ବର୍ଷର ଛାତ୍ର
ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ
ଜୟପୁର
ମୋ : ୮୨୬୦୬୪୧୨୧୫


## ପ୍ରିୟା...


ଧ୍ରୁବ ଚରଣ ବେହେରା


କେଉଁ ବିଧାଣୀର ଭବ୍ୟତା କଳାରେ
ଗଢିଲା ସୁନ୍ଦରୀ କରି
ଦେଖିଲେ ଲାଗୁଛ ଭଞ୍ଜଙ୍କ ବର୍ଣ୍ଣିତ
କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ।

ସୁ ଶୋଭିତା ଠାଣି ମନ ନିଏ କିଣି
ଦେଖି ତୁମ ରୂପ ଛଇ
ଦିଶୁଥାଅ ସଦା ନବ ଯଉବନୀ
ପ୍ରୀତି ସରସୀର କଇଁ ।

କେବେ ଦେଖା ଯାଅ ପୂର୍ଣ୍ଣମୀ ଆକାଶେ
ମାଧୁରୀ ପ୍ରୀତି ଚାନ୍ଦିନୀ
ଲାବଣ୍ୟବତୀ ଗୋ ଦିଶ ଅପସରୀ
ନବ ବଧୂ ଆଗମନୀ ।

ଚନ୍ଦ୍ରମାର ଦେହେ କଳଙ୍କ ବି ଅଛି
ତୁମଠି ତା'ହା ବି ନାହିଁ
ଗୋଲାପି ଓଠରେ ଫଗୁଣ ସମ୍ଭାର
ଦିଶ ତୁମେ ସ୍ୱପ୍ନ ନଇ ।

ମଥାର ଟିକିଲି ହସି କହୁଥାଏ
ତୁମ ପ୍ରୀତି ମନ କଥା
କବି/କବୀର କଲମେ ତୁମରି ସୌନ୍ଦର୍ଯ୍ୟ
ଲାଗୁଥାଏ ଭାବ ଗାଥା ।

ଚାହିଁଣିରେ ଭରା ଅନେକ କାହାଣୀ
ପ୍ରେୟସୀ ଗଜଗାମିନୀ
ଲାବଣ୍ୟତା ଭରା ଶୃଙ୍ଗାର ଶୋଭିତା
ପ୍ରିୟା ତୁମେ ଅଭିମାନୀ ।

ତୁମେ ରୁଶି ଗଲେ ଲୁଚି ଯାଏ ଜହ୍ନ
ସାଗର ନିରବ ହୁଏ
ଆସେନି ହୃଦୟେ ପ୍ରେମର ଜୁଆର
ତରଙ୍ଗ ବି ଥମି ଯାଏ ।

ବେଳା କୋଳେ ଥାଇ ଶାମୁକା ଭାବଇ
ପୁଷ୍ୟ ନକ୍ଷେତ୍ରର ପ୍ରୀତି
କେବେ ଝରି ଯିବ ଅମୃତର ବାରି
ପାଇବାକୁ ଗର୍ଭେ ମୋତି ।

ବିନା ସୁସଜ୍ଜିତେ ଦିଶୁଥାଅ ତୁମେ
ରାଜବାଳା ଅପସରୀ



କେମିତି କହିବି ଶବ୍ଦ ଚାତୁରିରେ
ପ୍ରେମେ ମୁଁ ଯାଉଛି ହାରି ।

ଦୂରେ ଥାଇ ମୋର ଭାବନାକୁ ପ୍ରିୟା
ଥରେ ତ ସମ୍ମାନ ଦିଅ
ମୁଁ ତୁମର ସେହି ଅଜଣା ପ୍ରେମିକ
ସାଥି ଟିଏ କରି ନିଅ ।

ନୀରବ ବେଳାରେ ଗପୁଥିବା ଦୁହେଁ
ଆଖିକୁ ଆଖି ମିଶାଇ
ତୁମେ ଲୋଟୁଥିବ
ମୋ ବାହୁ ବନ୍ଧନେ
ଜହ୍ନ ପାଇଁ ଯେହ୍ନେ କଇଁ ।


+ଅଠରବାଟିଆ,
ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ତୁମେ ଆସିବ ବୋଲି
### ପ୍ର. ଗିରିଜା ଶଂକର ଶର୍ମା



ତୁମେ ଆସିବ ବୋଲି ସିନା
ଆଶାର ଦେହରେ ଖଞ୍ଜି ଦେଲି ହଳେ
ଡେଣା,
ତାକୁ ଛାଡ଼ିଦେଲି ମାପିବା ପାଇଁ
ଦିଗବଳର ପରିସୀମା ।
ତୁମେ ଆସିବ ବୋଲି ସିନା ଖୋଲି ଦେଲି
ସବୁ ଦ୍ୱାର ଝର୍କା
ଯାହା ଯାହା ବନ୍ଦ ପଡ଼ିଥିଲଣ ସମସ୍ତଙ୍କୁ ।
ତୁମେ ଆସିବ ବୋଲି ବଗିଚାରେ ଫୁଟାଇଲି
ରଂଗୀନ ଫୁଲ
ପାଦପର ପତ୍ରମାନଙ୍କୁ ଧୋଇ ଦେଲି ସବୁଜ
ରଂଗରେ ।
ତୁମେ ଆସିବ ବୋଲି ।

ତୁମେ ଆସିଲେ
ପଲ୍ଲବି ଉଠିବ ଦୂର୍ବାଦଳ,
ପକ୍ଷୀଙ୍କ କାକଳୀରେ ଭରିଯିବ
ମନ ମତାଣିଆ ସଂଗୀତ,
ଫୁଲରେ ଫୁଲ ଭରିଯିବ ସୁରଭି ।

ଏପର ମାଟି ପାଣି ପବନ ଗଛବୃଛ ଯେତେ
ଅନେଇଥାନ୍ତି ତୁମ ଆସିବା ବାଟକୁ ।
ତୁମେ ଆସିଲେ ବଦଳି ଯିବ ଦୃଶ୍ୟ ।
ପକ୍ଷୀଙ୍କ କାକଳୀରେ ଶିହରିତ ହେବ ଏ
ଅଂଚଳ ।

ତୁମେ ଏକ ରେଖା ଚିତ୍ର, ହୁଏତ କଳ୍ପନା
ପ୍ରସ୍ତୁତ ।
ତୁମକୁ କେବେ ଦେଖିଥାଇ ପାରେ
ଷ୍ଟେସନରେ, ବଜାରରେ ଅବା ସପିଂ
ମଲରେ ।
ସବୁକିଛି ଧୂଆଁ ଧୂଆଁ ଅସ୍ପଷ୍ଟ ଚେହେରା
ତଥାପି ତୁମ ଆକର୍ଷଣରେ
ମୁଁ ଟାଣି ହୁଏ
ରେଲ ଗାଡ଼ିର ୱାଗନ ପରି,
କୁଆଡ଼େ ଯାଏ ଜାଣେନି,
କେଉଁଠି ରହିବାକୁ ହେବ ଜାଣେନି ।
ଏବେ ଇଚ୍ଛା ମାରିବାକୁ ଇଚ୍ଛା
ତୁମ ସାଂଗରେ
କିଛି ସମୟ କାଟିବାକୁ ଇଚ୍ଛା


+ ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨


## ତମେ ତ ଉଛୁଳା ନଈ
### ଶରତ କୁମାର ଦାସ



କଳି ପାରୁନାହିଁ ତମକୁ ମୁଁ ଜମା
ତମେ ତ ଉଛୁଳା ନଈ,
ତମ ରୂପ ଗୁଣ ସଦା କଳ କଳ
ମୋ' ଦେହରେ ଯାଏ ବହି ।

ତମରି ଛୁଆଁରେ ଜୀବନ୍ୟାସ ପାଏ
ମୋ ମନର ମଧୁ ବନ,
ହାତ ପାଆନ୍ତାରେ ଖେଳୁଥାଏ ସତେ

ପୁନେଇର ରୂପାଜହ୍ନ
ଏମିତି ନିବିଡ ପରଶ ତମରି
କେତେ କଥା ଦିଏ କହି
କଳି ପାରୁନାହିଁ ତମକୁ ମୁଁ ଜମା
ତମେ ତ ଉଛୁଳା ନଈ ।

ଦୂବ ପତରରେ ଶିଶିରର ବିନ୍ଦୁ
ପରି ଢଳୁଥାଅ ସଦା,
ତମ ସ୍ମୃତିରାଜି ଶୟନେ ସପନେ
କରୁଥାଏ ମୋତେ ଓଦା
ଏମିତି ଫୁଲର ପାଖୁଡାଟି ତମେ
ବାସ ଯା'ର ଛୁଟୁଥାଇ
କଳି ପାରୁନାହିଁ ତମକୁ ମୁଁ ଜମା
ତମେ ତ ଉଛୁଳା ନଈ ।


ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧


## ସ୍ୱପ୍ନ ...
### ତାନଶ୍ରୀ ପାଣିଗ୍ରାହୀ



ଇନ୍ଦ୍ରଧନୁର ସପ୍ତରଙ୍ଗେ ତୁମେ
ମଧୁଯାମିନୀରେ ଆସ
ନିଦ୍ରା ବଳୟେ ଅପରୂପା ତୁମେ
ସରାଗ ଚନ୍ଦନ ବାସ...

ତୁମରି ଶୀତଳ ପରଶ ପାଇଁ କି
ଏ ମନ ହୁଏ ଅଧୀର
ଭସା ବାଦଲର ଶୂନ୍ୟ ଛାତିରେ
ବହଇ ମନ୍ଦ ସମୀର...

ଗାଇଯାଅ କେତେ ପ୍ରୀତିର ଗୀତିକା
ମୋ ମନର ମଧୁକୁଞ୍ଜେ
ସୁଖ ସରାଗର ରଙ୍ଗ ବୋଳିଦିଅ
ଭାବନା ରାଇଜେ ହଜେ...

ନବ ଉନ୍ମାଦନା ଦେଇ ଥାଅ ଭରି
ଲାଗେ ସବୁ ସତ ପରି

ଦରଦୀ ମନ ମୋ ଖୋଜି ବସେ ଯେବେ
କାହିଁ ଯାଅ ଅପସରି...

ହେ ସ୍ୱପ୍ନ ତୁମେ ଫେରିଆସ ମନେ
ନୀରବରେ ଯାଅ ନାହିଁ
ତୁମ ବିନା ଏଇ ସବୁଜ ଜୀବନ
ଲାଗେ ଅବା ମରୁଭୂଇଁ...

ତୁମେ ରଚିଥାଅ ଆଶା ଆକାଂକ୍ଷାର
ସୃଜନର ଫୁଲବନ
ଜୀବନର ପଥେ ଶିଖାଇଛ ତୁମେ
ବଂଚିବାର ସ୍ୱାଭିମାନ ...


+ ଆଚାର୍ଯ୍ୟା,ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର
ମୋ -୯୩୩୭୩୦୪୨୯୫


## ଆତ୍ମଘାତୀ
### ଗଜାନନ ମିଶ୍ର

କଣ୍ଢା ହେବାକୁ ଇଚ୍ଛା ନାଇଁ
କେତେବେଳେ
ଆଉ କାହା ତଣ୍ଟିରେ ଏମିତିରେ।
ମାପିବି ନାଇଁ କାହା ଧୈର୍ଯ୍ୟ ଜବରଦସ୍ତ
ପଶି
ଆଉ କାହା ବାଡିରେ।
ନା, ଦେଖିବି ନାଇଁ ଶୂନ୍ୟର ଖେଳ
ନ ଥିବା ସତ୍ୟ ନାମରେ।
ବହି ଆସୁଥିବା ପାଣିରେ ରଖିବି ନାଇଁ
ଠିକଣା
କରି ଆବିଷ୍କାର ନିଜର ନିଜ ଆଗରେ।
ଦ୍ୱାର ମୁହଁରେ ଖୋଳିବି ନାଇଁ ନାଳ
ରଖିବାକୁ ସାଇତି ଭାଷା ସଉତୁଣୀ
ଦୟାରେ।
ଲକ୍ଷ୍ୟ ଭେଦିବାକୁ ହେବି ନି ଠିଆ
ରଙ୍ଗ ବଦଳାଉଥିବା ପାହାଡ ଉପରେ।
ଅଣାନିଆ ଅଗ୍ନିରେ ପରଷିବି ନାଇଁ
ଆଉ କାହା କଳିଜା ଆତ୍ମଘାତୀ
ସମୟରେ।


+ ତପୋବନ,
ଟିଟିଲାଗଡ, ବଲାଙ୍ଗିର


## ବଉଳଲୋ ବଉଳ
### ବାବାଜୀ ଚରଣ ଜେନା



ଆମ୍ବ ବଉଳର ମିଠା ମହକରେ
ମହକି ଉଠିଲା ଧରା
ତାଙ୍କ କଥା କାହିଁ ମନେପଡି ସଖି
ଶୋଇନିମୁଁ ରାତି ସାରା
ସଜନୀ ମାଡି ପଡେ ଆଖି ପରା,
ରାତି ବିତିଗଲା ଯେମିତି ସେମିତି
ଦିନତ ସରିଲା ନାହିଁ
ଘର ଅଗଣାରୁ ଦାଣ୍ଡ ଦୁଆରଲୋ

ବେଳ ଗଲା ଚାହିଁଚାହିଁ
ଥଟ୍ଟା କରି କେତେ ଆଇ ଶାଶୁ ମୋର
ହସି ଦେଇ ଚାଲିଗଲା

ସଜନୀ ଗୁମର ଫିଟେଇ ଦେଲା,
ଆସିବାକୁ କହି କଣ୍ଟ ଗଡିଲାଣି
କଳିଜା ଯାଏମୋ ଚିରି
ଶାଶୁ କରିଛନ୍ତି ଗଇଁଣ୍ଠା ପିଠାଲୋ
ପୁଷ ଅମେଇସା ବୋଲି
ମୁହଁ ସଞ୍ଜବେଳେ ତାଙ୍କ ଡାକ ଶୁଣି
ମନମୋ ଲାଜେଇ ଗଲା
ସଜନୀ ନଣନ୍ଦମୋ ଦେଖି ନେଲା ।


ଅହଲ୍ୟା ନିବାସ
ପୋପରଡା, ନୂଆବଜାର,କଟକ୪
ମୋ: ୯୪୩୭୮୩୪୭୧୯


## ବଉଳଲୋ ବଉଳ
### ଜୟକୃଷ୍ଣ ସାହୁ



ଶୀତ ଆସିଲାଣି ଗୋଡ଼କାଡ଼ି
ହଜିଲାଣି ମେଘ ଘଡ଼ଘଡ଼ି
ଫୁଲ ଫସଲରେ ହସିଉଠିଲାଣି
ଚାଷୀର ବଗିଚା ବିଲବାଡ଼ି।

ମଗୁଶୁର ମାସେ ଶୀତ ଆସେ
ଆସି ଚାଲିଯାଏ ମାଘ ଶେଷେ
ଦେଇଯାଏ କିଛି ସୁଖଅନୁଭବ
ସେଥିପାଇଁ ତାକୁ ଝୁରି ବସେ।

ସକାଳ ସୁରୁଜ ଉଇଁ ଆସେ
କଅଁଳ ଖରାରେ ନିତି ବସେ
ସକାଳ ଖରାଟା ହିତ ଦେହ ପାଇଁ
ଭିଟାମିନି 'ଘ' ଦେହେ ପଶେ।

ଅଜାଙ୍କଠାରୁ ମୁଁ ଶୁଣିଥିଲି
ଶୀତରେ କାକର ପଡ଼େ ବୋଲି

ସୁରୁଜ କିରଣ ପରଶରେ ସିଏ
କରିଦିଏ ଆଖି ଝିଲିମିଲି।
ଆଇ କହେ ଆରେ ନାତି ଟୋକା
ସାର୍ଟ ସ୍ୱଟର ପିନ୍ଧିପକା
ମଥାରେ ରେଶମୀ ଟୋପି ପିନ୍ଧିଦେଲେ
ଜାଡ଼କୁ ନଥିବ ତୋର ଦକା।

ମାଆ କହିନ୍ତି ମୋ ସୁନା ଧନ !
ଦୃଢ଼ କର ତୋର ଦେହ ମନ
ଶୀତ ସକାଳରେ ବ୍ୟାୟାମ କରିକି
ପାଠପଢ଼ାରେ ତୁ ଦେଏ ମନ।


କପିଳ ପ୍ରସାଦ,ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭


## ଇଚ୍ଛା....
### ଜଗଦୀଶ ପଣ୍ଡା

କେବେ ପ୍ରାପ୍ତି ଓ ଅପ୍ରାପ୍ତି
ମଧ୍ୟେ ଥିବା ଶୂନ୍ୟସ୍ଥାନର
କିଛି ଅଭିମାନ ଓ ଅଭିଯୋଗ
ମଧ୍ୟେ ଥିବା ନିଃଶବ୍ଦ ଅଶ୍ରୁର
କିଛି ଜିଦ୍ ଓ ପ୍ରହସନ ମଧ୍ୟେ
ଥିବା କରୁଣ ବିଳାପର
କିଛି କଳ୍ପନା ଓ ବାସ୍ତବତା
ମଧ୍ୟେ ଥିବା ସଂଯୋଗର....

ଏହି ଇଚ୍ଛା ବି କେତେ ଅବାଧ୍ୟ
ଖୁବ୍ ବିସ୍ମୟ ଲାଗେ....
ମୋ ସ୍ୱାଭିମାନକୁ ବେଳେବେଳେ ତା
ଆୟତ୍ତର ଶିକୁଳିରେ
ଛନ୍ଦି ପଡ଼ିବାର ଦେଖି !
ମୋ ଅନ୍ତରାତ୍ମାକୁ ତା ପାରିବା ପଣିଆର
ଦହନରେ ଦଗ୍ଧିଭୂତ ହେବାର ଦେଖି !

ବୋଧେ ଇଚ୍ଛା ବି ତା ଇଚ୍ଛାର ଦାସତ୍ୱରେ
ବନ୍ଧା
ଯେ ଜିତୁଥାଏ କେବଳ
ପଶ୍ଚାତାପରେ ଜାଳିବା ପାଇଁ
ଅନେକ କିଛିରୁ ହରେଇ ଅଳ୍ପ
କିଛିକୁ ସାଉଁଟିବା ପାଇଁ
ତେଜିଆନ ରଶ୍ମିକୁ ଛାଡ଼ି ମିଞ୍ଜି
ମିଞ୍ଜି ତାରକାରେ ହଜିବା ପାଇଁ
ବାସ୍ତବତାର ମୁହୂର୍ତ୍ତକୁ ହରାଇ
ସ୍ମୃତିକୁ ନେଇ ବଞ୍ଚିବା ପାଇଁ

ଇଚ୍ଛା ପୁଣି କେବେ ଜୀବନରେ ଭରେ ରଙ୍ଗ
ତ କେବେ କରିଦିଏ ବେରଙ୍ଗ
କେବେ ଲିଭିଯାଏ ତ କେବେ ପୁଣି
ଲଗାଇଦିଏ ଅଲିଭା କିଛି ଦାଗ।


+ ଅଲାଡିଗାଁ, ଗଂଜାମ


## ବାପା
### କବି ବିପ୍ଳବ

ମୋର ସବୁ ରାଗ ରୁଷା
ଅଳି ଅର୍ଦ୍ଦଳୀ
କୁହାଟ କାରୁଣ୍ୟ
ସେଇ ପାଦ ତଳେ ।

ମୋ ସମଗ୍ର ନିଦାଘର ଛାଇ
ମୋ ସମଗ୍ର ଉତ୍ତାପର ଶୀତଳପଣ
ଆଉ ଯେତେ ସବୁ ମାନ ଅଭିମାନ
ସେଇ ପାଦ ତଳେ ।

ସେଇ ଧୂଳି ଧୂସରିତ ହଳେ ଫଟା ପାଦ
ମୋ ପାଇଁ ପଦ୍ମପାଦ
ସେଇ ଶିରାଳ ହାତ ଯୋଡ଼ିକ
ମୋ ପାଇଁ ବଡ଼ ଦେଉଳର ନେତ
ସେଇ ନାଲି ଆଖି ପାଖରେ
ମୋ ସମସ୍ତ ପାପର ଅନ୍ତ ।


ଅ+ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬


## ଆମରି ଗାଁ ନଈ
### ଗୋପାଳ କୃଷ୍ଣ ଶତପଥୀ

ଆମରି ଗାଁ ନଈ
କୁଳୁ କୁଳୁ ହୋଇ ଯାଉଛି ବହି
ସାଗରେ ମିଶିବା ପାଇଁ
ଆମରି ଗାଁ ନଈ !

କୂଳରେ ତାର ମୋ ଛୋଟ ଗାଁ
ଜାଣୁ ନଜାଣୁ କେ ତାର ନାଁ
ସେଇଠି ଜନମ ମୁହିଁ !

ପିଲାଦିନରୁ ଅତି ନିଜର
ତୋଳିଛି ଘର ବାଲିରେ ତାର
ସାଙ୍ଗସାଥୀଙ୍କୁ ନେଇ !

ତା କୂଳେ ଗଢା ଶିବ ମନ୍ଦିର
ପରିବେଶଟି ଅତି ସୁନ୍ଦର
ମନକୁ ଯାଏ ଛୁଇଁ !

ଶାଗୁଆ କ୍ଷେତ ତା ଜଳ ପାଇ
ସୁନାଫସଲ ଯାଚି ଦିଅଇ
ଆମ ଖାଇବା ପାଇଁ !

ସିଏ ପରା ମୋ ପରାଣ ମିତ
ସୁଖ ଦୁଃଖରେ ସଦା ଜଡିତ
ଅଭୁଲା ସାଥି ହୋଇ
ଆମରି ଗାଁ ନଈ।


+ଲତାଦେଇପୁର
ଢେଙ୍କାନାଳ,୭୫୯୦୧୪
ମୋ :-୯୧୭୮୯୬୧୯୭୭


## ସୁଖ ସପନର ସୌଦାଗର
### ନିରଞ୍ଜନ ସାହୁ

ସୁଖ ସପନର ସୌଦାଗର ସାଜି
ସପନ ଦେଖୁଛି କିଏ
ହୋଇପାରନ୍ତା କି ରାଜକୁମାରଟେ
ପକ୍ଷୀରାଜ ଚଢ଼େ ଯିଏ ।

ସାତ ସମୁଦ୍ରର ତେର ନଈ ପାର
ନିମିଷକେ ହୋଇଯାନ୍ତା
ସପନ ଦ୍ୱୀପର ରାଜକୁମାରୀଙ୍କୁ
ଗୋପନରେ ଭେଟୁଥାନ୍ତା
ଏମିତିକା ଏହି ସପନ ଭିତରେ
ବାସ୍ତବତା ବାଧା ଦିଏ ।

ସପନରେ ଗଢ଼େ ସପନର ସୌଧ
ସପନ ସାକାର ହେବ
ରାଜକୁମାରୀଙ୍କୁ ଉଠାଇ ଆଣି ସେ
ଏହିଠାରେ ସ୍ଥାନ ଦେବ
ସୁନାର ସଂସାର ଗଢିବା ପାଇଁ ସେ
ଅଟଳ ପ୍ରତିଜ୍ଞା ନିଏ ।

ସପନ ପୂରଣ କରିବା ନିମିତ୍ତ
ଅନେକ ପ୍ରଚେଷ୍ଟା କରେ
ଭାଗ୍ୟ ଯଦି ତା'ର ହେବ ସହଚର
କାହାକୁ ବା ଆଉ ଡରେ
ପକ୍ଷୀରାଜ ଚଢି ଆସିବ ବାହୁଡ଼ି
ତା ପରି ଉଦ୍ୟମୀ କିଏ ?


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩


## ଅଖଣ୍ଡ ଭାରତ
### ଜଗଦୀଶ ସାହୁ

ଆମ ପରିଚୟ ଆମେ ଭାରତୀୟ
କହିଲେ ମନରେ ଗରବ ଆସେ
ଫରଫର ହୋଇ ତ୍ରିରଙ୍ଗା ଉଡ଼ଇ
ସତରେ ଆହାଃ କି ସୁନ୍ଦର ଦିଶେ !
ସବୁରି ମନରେ ସବୁରି ପ୍ରାଣରେ
ଜାତୀୟତା ପ୍ରେମ ଗୁଞ୍ଜରୀ ଯାଏ
ଗୋଟିଏ ଆହ୍ୱାନ ଜନ ଗଣ ମନ
ସବୁରି କଣ୍ଠର ସଂଗୀତ ହୁଏ !

ଜାତି ଧର୍ମ ଭେଦ ବାଦ ପ୍ରତିବାଦ
ଲୀନହୁଏ ଏଇ ତ୍ରିରଙ୍ଗା ତଳେ
ଏକାକାର ହେବା ମହତ ରଖିବା
ଏ ମାଟିମାଆର ବିପଦ ବେଳେ !
ଆମେ ଭାଇ ଭାଇ କୋଳାକୋଳି ହୋଇ
କହିବା ଭାରତ ମାତାକି ଜୟ
ହେଉ ଆମ ବ୍ରତ ଅଖଣ୍ଡ ଭାରତ
ସଂଗ୍ରାମୀଙ୍କ ପାଦେ ରଖିବା ଲୟ !


+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ନଈବଢି
### ପ୍ରଶାନ୍ତ କୁମାର ନାଥ



ମୁଷଳ ଧାରାରେ ବରଷିଲା ମେଘ
ନଈ ନାଳଗଲା ପୁରି
ଚାଷୀକୁଳ ଯେତେ ହତାଶ ହୋଇଲେ
ଆସିବାରୁ ନଈବଢି ।

ପାଣି ମାଡିଗଲା ଚାଷୀଙ୍କ କ୍ଷେତରେ
ଗଜା କରିଦେଲା ନଷ୍ଟ
ମୁଣ୍ଡେହାତ ଦେଇ ବସିଛନ୍ତି ସିଏ
ଭୋଗୁଛନ୍ତି ନାନା କଷ୍ଟ ।

ବାହାରକୁ ଆଉ ବହାରି ହେଉନି
ରାସ୍ତାଘାଟେ ଚାଲେ ପାଣି
ମାଟିଘର ଯେତେ ଭୁଷୁଡି ପଡୁଛି
ସବୁଠି ପଡେ ଭାଳେଣି ।

ଭୋକ ଉପାସରେ ଦିନ କାଟୁଛନ୍ତି
ଜଳୁନାହିଁ କାହା ଚୁଲି
ଘରେ ନାହିଁ ଆଉ ଚୂଡା କି ଚାଉଳ
ସବୁ ହୋଇଲାଣି ଖାଲି ।

ଭାସି ଯାଉଛନ୍ତି ଛେଳି ମେଣ୍ଢା କେତେ
ଗାଈଗୋରୁ ଗଲେ ଭାସି
ଦୁଃଖର ପାହାଡ ସଭିଙ୍କ ଉପରେ
ହଜିଲାଣି ହସ ଖୁସି ।

ବର୍ଷାର ଆରମ୍ଭ ହେଉ ହେଉ ଏବେ
ହୋଇଲାଣି ନଈବଢି
ବଞ୍ଚିବା ପାଇଁକି ମାନବ ସମାଜ
ବିକଳେ ଛାଡନ୍ତି ରଡି ।


+ ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର-୭୫୫୦୧୩
(ମୋ) ୮୩୧୦୩୨୮୩୪୫




## ଅନ୍ତର୍ଦାହ
### ସ୍ମିତା ପଣ୍ଡା

କେତେ କଷ୍ଟ ନହୁଏ
ଭାଙ୍ଗିଗଲେ
ଘର, ହୃଦୟ ।

ପକ୍ଷୀ କୁହ
କି' ମଣିଷ
କିଏ ଲହୁ ଲୁହାଣ ନହୁଏ
ଘରଟିଏ ଗଢ଼ିବା ବେଳେ !
ତୀକ୍ଷ୍ଣ ଶର ହେଉ କି
ତୀକ୍ଷ୍ଣ କଥା
ଚୋଟ ତ ସେଇଠାରେ ପହଞ୍ଚେ
ଆହତ ତ ହୃଦୟ ହୁଏନା ।

ନା ନା..
ତମେ ଆଉ ଯାହା କିଛି
ଶୁଣାଅ ପଛେ
କେବେ ଶୁଣାଅନି
କାହାର ଭାଙ୍ଗିଯିବା କଥା
ଘର, ହୃଦୟ ।


+ ନରସିଂହପୁର,କଟକ
ମୋ: ୭୦୦୮୨୪୩୬୭୨


## ଝରା ଶେଫାଳି
### ସବିତା ସାବତ

ଗୋଟିଏ ରାତିର ଆୟୁଷ ମୋହରି
ନିଶି ପୁଷ୍ପ ମୁଁ ଶେଫାଳି।
ଦିବାଲୋକ ସ୍ୱର୍ଶ ସପନ ମୋ ପାଇଁ
ମୁଁ ଅଭିମାନୀ ଗଙ୍ଗଶିଉଳି ।

ପଶ୍ଚିମ ଗଗନେ ଅଂଶୁମାନ ଅସ୍ତେ
ଉଷସୀର ଆଗମନ।
ସୁକୋମଳ ତନୁ ଶୁଭ୍ର ମୋ ପାଖୁଡ଼ା
ନାଲି ଓଠ ସମ୍ମୋହନ ।

ଘନ ଅନ୍ଧକାରେ ତାରା ଗହଣରେ
ଚାନ୍ଦ ଯେହ୍ନେ ଶୋଭା ପାଏ।
ସବୁଜ ବନାନୀ କୋଳେ ମୁଁ ଶେଫାଳି
ସେ ରୂପେ ଝଲସୁଥାଏ ।

କର୍କଶ କୁତ୍ସିତ ପଲ୍ଲବ ଫାଙ୍କରୁ
ଲୁଚି ଦେଖେ ଜହ୍ନ ମୁହଁ।
ଜ୍ୟୋତ୍ସ୍ନାସିକ୍ତ ନିଶି ବାସ୍ନାୟିତ କରି
ଧରାରୁ ନିଏ ବିଦାୟ ।

ମହମହ ବାସ ଚହଟାଉଥାଏ
ଉଷ ଠାରୁ ଉଷା ଯାଏଁ।
ଜଳିଯିବି ବୋଲି ଅଂଶୁମାଳୀ ତେଜେ
ଅଚିରେ ମୁଁ ଝଡ଼ିଯାଏ ।

ଫୁଟିବା ଆଗରୁ ଜ୍ଞାତ ଥାଏ ମତେ
ମୋ ଜୀବନର ଅବଧି।
କ୍ଷଣାୟୁଷ ମଧ୍ୟେ ଭୂରୁଭୁରୁ ବାସ୍ନା
ବାଣ୍ଟି ମୁଁ ନିଏ ସମାଧି ।

କେଉଁ ପୂଣ୍ୟ ବଳେ ଜନ ମାନସରେ
ବାଣ୍ଟୁଛି ଟିକେ ସୁବାଷ।
କରିଥିଲି ପୂର୍ବେ ପାପ କିଛି ବୋଲି
ଲଭିଛି ସ୍ୱଳ୍ପ ଆୟୁଷ ।

ରାତ୍ରି ନାୟିକା ମୁଁ ରଚି ଅଭିସାର
ପ୍ରେମରେ ଆତ୍ମବିଭୋର।
ସ୍ୱଳ୍ପାୟୁଷେ ହସି ଝରିଯାଏ କୋଳେ
ପ୍ରିୟ ବିଶ୍ୱମ୍ଭରା ମା' ର।

ଆୟୁଷକୁ ନେଇ ମନେ ନାହିଁ ବ୍ୟଥା
ନିଜ ନିଜ କର୍ମ ଫଳ।
ଯେତେଦିନ ରହିଥିବା ମହୀ ତଳେ
ସ୍ନେହ ବାଣ୍ଟିବା ସକଳ ।

ଭାନୁଲୋକ ନାହିଁ ଭାଗ୍ୟରେ ମୋହରି
ବିରହେ ଉଠେ କୁହୁଳି।
ଓଷଧୀଶ ପ୍ରିୟା ଗଙ୍ଗଶିଉଳି ମୁଁ
ମୁଁ ପରା ଝରା ଶେଫାଳି ।


ଶିକ୍ଷୟିତ୍ରୀ, ଗଞ୍ଜାମ
ମୋ : ୮୨୪୯୬୦୧୦୪୪

# ବାଲ୍ୟ ବିବାହ ରୋକିବା ପାଇଁ ସୈନିକ ସାଜିବେ କିଶୋର କିଶୋରୀ



ଉଦଳା , ୭/୦୭ (ନି.ପ୍ର): ବାଲ୍ୟ ବିବାହର ଭୟାବହତା ସମଗ୍ର ମୟୂରଭଂଜ ପାଇଁ ଚିନ୍ତାର ବିଷୟ ପାଲଟିଥିବା ବେଳେ ଏହାକୁ ରୋକିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସେଂଟର ଫର କାଟାଲାଇଜିଂ ଚେଂଜ (ସି-୩) ତାର ଉଦ୍ୟମ ଜାରି ରଖିଛି । ଏଥିପାଇଁ କପ୍ତିପଦା ବ୍ଲକର ୨୬ ଗୋଟି ପଂଚାୟତରୁ ୨୬ ଜଣ କିଶୋର କିଶୋରିଙ୍କୁ ମନୋନିତ କରି ତାଙ୍କୁ ଉଦଳାସ୍ଥିତ ହୋଟେଲ ସିପ୍ରୋନ ଇନ୍ ପରିସରରେ ୨ ଦିନିଆ ତାଲିମ ପ୍ରଦାନ କରାଯାଇଛି । ଏହି କିଶୋର କିଶୋରି ମାନେ ବାଲ୍ୟ ବିବାହକୁ ରୋକିବା ପାଇଁ ସୈନିକ ଭାବରେ କାମ କରିବେ ଓ ଦେଶ ଗଠନରେ ସହାୟକ ହେବେ ବୋଲି ଆଶା କରାଯାଉଛି । ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ କପ୍ତିପଦା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ସିଡ଼ିପିଓ ଦିପ୍ତିମୟି ପୁଥାଳ, ଏବିଇଓ ଘନଶ୍ୟାମ ସିଂ ଓ ଲକ୍ଷ୍ମୀଧର ସିଂ ଅତିଥି ଭାବରେ ଯୋଗ ଦେଇ କରୋନା ସମୟରେ ବିଦ୍ୟାଳୟ ଛୁଟି ରହିବା ଫଳରେ ବହୁପିଲା ପାଠ ପଢ଼ା ଛାଡ଼ିଲେ ଓ ତାପରଠାରୁ ବାଲ୍ୟ ବିବାହର ମାତ୍ରା କିପରି ହୁ ହୁ ବଢ଼ି ଚାଲିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । (ସି-୩)ର ରାଜ୍ୟ ମୁଖ୍ୟ ଅଶୋକ କୁମାର ନାୟକ ଏବଂ ପ୍ରକଳ୍ପ ଅଧିକାରୀ ଧର୍ମାନନ୍ଦ ସୁନ୍ଦରାୟଙ୍କ ନେତୃତ୍ୱରେ ତାଲିମ ଶିବିର ପରିଚାଳିତ ହୋଇଥିବା ବେଳେ ପ୍ରଶିକ୍ଷକ ଭାବରେ ସଂଯୋଜିକା ସୌଜନ୍ୟା ନାୟକ, ବିସ୍ମୟଦେବ ମହାନ୍ତ, ଶାନ୍ତିଲତା ଭୁୟାଁ ଓ ମାଣିକରାଣି ମୁଦୁଲି ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ । ତାଲିମର ରଣ କୌଶଳ ବେଶ ମନମୁଗ୍ଧକର ଥିଲା ବୋଲି ତାଲିମ ନେଇଥିବା କିଶୋର କିଶୋରି ମାନେ ପ୍ରକାଶ କରିଛନ୍ତି ।

# କୃତୀ ଛାତ୍ରୀଙ୍କୁ ଶାରଳା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା

ସାଲେପୁର , ୭/୦୭ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତର ବାଲିପଡା ପଂଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରୀଙ୍କୁ ପୋଡାମରାଇ ମା' ଶାରଳା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ବେଳେ ଶାରଳା ମେଧାଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ରନାଥ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅନୁଷ୍ଠାନର ଉପଦେଷ୍ଟା କବି କୁଳମଣୀ ସାହୁ ଯୋଗଦେଇ ଛାତ୍ର ଛାତ୍ରୀମାନେ ଚରିତ୍ର ଗଠନ ମୂଳକ ବିଦ୍ୟା ଅଧ୍ୟୟନ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ସଂପାଦକ ରାଜକିଶୋର ମୁଣ୍ଡି ଯୋଗଦେଇ ଛାତ୍ର ଛାତ୍ରୀମାନେ ଉତ୍ତମ ଶିକ୍ଷା ଗ୍ରହଣ କରିବା ସହ ଶାରିରୀକ ଶିକ୍ଷା ଗ୍ରହଣ କରି ଏକ ସୁସ୍ଥ ସମାଜ ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଏପରିକି ଭଲ ପାଠ ପଢି ବିଦ୍ୟାଳୟ ଗ୍ରାମ ସହ ଦେଶର ଯଶ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ବକ୍ତା ଭାବେ ସମାଜସେବୀ ତଥା ସାମ୍ବାଦିକ ବିଜୟ କୁଅଁର ଯୋଗଦେଇ ଛାତ୍ର ଛାତ୍ରୀମାନେ ମୋବାଇଲରେ ମନନିବେଶ ନକରି ପାଠ ପଢାପ୍ରତି ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଶିକ୍ଷକ ପଦ୍ମଲୋଚନ ସାହୁ, ମନୋରଂଜନ କର, ମୋହନ ଚରଣ ସିଂ, ଦିଲ୍ଲୀପ କୁମାର ସାମଲ, ଅଜୟ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ସଂଯୁକ୍ତାବାଳା ନାଥ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ ।

# ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର, ୭/୦୭ (ନି.ପ୍ର): ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶ ଙ୍କ ସଭାପତିତ୍ୱରେ ଆଦିବାସୀ ସଂଗ୍ରାହାଳୟ କୋରାପୁଟ ଠାରେ ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ର ଗୁରୁତ୍ୱପୂର୍ଣ୍ଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶଶୀଭୂଷଣ ଦାଶ ସଭାପତିଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲା ର ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ସତାଧିକ ଅମଲା ଭାଇ ଭଉଣୀ ମାନେ ଯୋଗଦାନ କରିଥିଲେ । ଏଥିରେ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ, ସମ୍ମାନୀତ ଅତିଥି ଭାବେ ପ୍ରକାଶ ସାମଲ, ସୁଦର୍ଶନ ସାହୁ, ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ, ଶ୍ରୀ ଶଶୀଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିଲାବେଳେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମ୍ପାଦକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି , ସମ୍ମାନୀତ ଅତିଥି ମାନେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।ମୁଖ୍ୟ ତ ବାରମ୍ବାର ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ରାଜ୍ୟ ଶାଖା ପୁରୁଣା କମିଟି ର ସଭାପତି ଓ ସମ୍ପାଦକ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ ପୁରୁଣା କମିଟି ବିଭିନ୍ନ ଆଳ ଦେଖାଇ ଦାୟିତ୍ୱ ହସ୍ତାନ୍ତର ନ କରିବା ସହିତ ସେମାନେ ଗୋଟିଏ ଆନୁମାନିକ ତଥ୍ୟ ଆଗରୁ ସେମାନେ ତାଙ୍କ ପୁରୁଣା କମିଟି ବୈଠକରେ ଉପସ୍ଥାପନ କରିଥିଲେ । ସେଥିରେ ଲକ୍ଷ ଲକ୍ଷ ଟଙ୍କା ର ହିସାବ ଏପଟ ସେପଟ ହେଇଥିବା ନେଇ ବୈଠକରେ ସମସ୍ତ ଅମଲା ଭାଇ ଭଉଣୀ ମାନେ ତିବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ ।ଶୀଘ୍ର ପୁରୁଣା କମିଟି ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ବୈଠକରେ ଦାବି କରିଥିଲେ । ପରି ଶେଷରେ ଶ୍ରୀ ଦାଶ ରାଜ୍ୟ ଅମଲା ସଂଘ ପୁରୁଣା କମିଟି ର ସଭାପତି ଓ ସମ୍ପାଦକ ଙ୍କ ଉଦେଶ୍ୟ ରେ ତା ୫.୮.୨୦୨୩ ରେ ଦେଇଥିବା ଚିଠି ବୈଠକରେ ଉପସ୍ଥାପନ କରିଥିଲେ । ସେଥିରେ ରାଜ୍ୟ ସଂଘ ପୁରୁଣା କମିଟି ର ସଭାପତି ଓ ସମ୍ପାଦକ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ନିମନ୍ତେ ମାତ୍ର ୩ ଦିନ ସମୟ ଦେଇଥିବା ଓ ଯଦି ସେମାନେ ୩ ଦିନ ମଧରେ ଦାୟିତ୍ୱ ହସ୍ତାନ୍ତର ନ କରନ୍ତି ତାହେଲେ ତାହେଲେ ରାଜ୍ୟ ସଂଘ ରଫରୁ ନୁତନ କମିଟି ସଭାପତି ଓ ସମ୍ପାଦକ ପୁରୁଣା କମିଟି ସଭାପତି ଓ ସମ୍ପାଦକ ଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ନିମନ୍ତେ ଆଦେଶ ଦେଇଥିବା ବୈଠକରେ ଆଲୋଚନା ହେବା ସହିତ ଯଦି ପୁରୁଣା କମିଟି ସଭାପତି ଓ ସମ୍ପାଦକ ୩ ଦିନ ମଧରେ ଦାୟିତ୍ୱ ହସ୍ତାନ୍ତର ନ କରନ୍ତି ତାହେଲେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତିଗ୍ରହଣ କରାଯାଇଥିଲା ।

# ତାଲିକାଭୁକ୍ତ ଓକିଲମାନଙ୍କୁ ତାଲିମ୍ ପ୍ରଦାନ




ଭଦ୍ରକ, ୭/୦୭ (ନି.ପ୍ର): ଜିଲ୍ଲା କୋର୍ଟ ପରିସର ନଳାଙ୍ଗ, ଭଦ୍ରକରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ତାଲିକା ଭୁକ୍ତ ଓକିଲ ମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ ନାୟକଙ୍କ ଅଧକ୍ଷତାରେ ୬ଟି ପର୍ଯ୍ୟାୟରେ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ, ଶ୍ରୀମତୀ ନେହା ଅଗ୍ରୱାଲ ପରିଚ୍ଳନା କରିଥିଲେ । ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚ୍ଚରପତି (ପୋକ୍‌ସୋ) । ଭଦ୍ରକ ଶ୍ରୀ ମୁକ୍ତି ରଞ୍ଜନ ଶତପଥୀ, ମୁଖ୍ୟ ବିଚ୍ଚର ବିଭାଗୀୟ ଦଣ୍ଡାଧୀକାରୀ ଓ ସହକାରୀ ଦୌରାଜଜ୍, ଭଦ୍ରକ । ଶ୍ରୀମତୀ ସଙ୍ଗୀତା ପାଣି, ଅତିରିକ୍ତ ଦେୱାନୀ ବିଚ୍ଚରପତି ଏବଂ ପ୍ରଥମଶ୍ରେଣୀ ବିଭାଗୀୟ ଦଣ୍ଡାଧିକାରୀ (ଏଲ୍.ଆର), ଭଦ୍ରକ । ଶ୍ରୀମତୀ ପ୍ରଜ୍ଞା ପାରମିତା ମହାନ୍ତି ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀମତୀ ନେହା ଅଗ୍ରୱାଲ, ଶ୍ରୀ ପର୍ଶୁରାମ ଦ୍ୱିବେଦୀ, ବରିଷ୍ଠ ଆଇନ୍‌ଜୀବି, ଭଦ୍ରକ, ଶ୍ରୀ ଚନ୍ଦ୍ରଶେଖର ସାହୁ, ଆଇନ୍‌ଜୀବି, ଭଦ୍ରକ ଏହି କାର୍ଯ୍ୟକ୍ରମରେ ତାଲିକାଭୁକ୍ତ ଓକିଲମାନଙ୍କୁ ବିଭିନ୍ନ ବିଷୟରେ ବିଶଦ ଭାବରେ ଆଲୋଚନା କରି ତାଲିମ୍‌ପ୍ରଦାନ କରିଥିଲେ । ସଂପତ୍ତି ସଂପର୍କିତ ଆଇନ୍, ପ୍ରମାଣ ବା ଚିହ୍ନଟ କରିବା ପାଇଁ ତଥା ସଂପର୍କିତ୍ ଆଇନ୍, ପୋକସୋ ଆକ୍ଟ ଏବଂ ପିଲାମାନଙ୍କ ସଂପର୍କିତ ଯୌନ ଶୋଷଣ ଜନିତ ଆଇନ୍ ୨୦୧୨ ତଥା ଅପରାଧ ସମ୍ବନ୍ଧୀୟ ଆଧାରିତ ଆଇନ୍, ମହିଳାମାନଙ୍କୁ ଘରୋଇ ହିଂସାରୁ କିପରି ରକ୍ଷାକରିବା ଏବଂ ସେ ସମ୍ବନ୍ଧୀୟ ଆଇନ୍, ଆଇନ୍‌ସେବା ପ୍ରାଧିକରଣର ସମ୍ବନ୍ଧିତ ଆଇନ୍ ତଥା ତାଲିକାଭୁକ୍ତ ଓକିଲମାନଙ୍କର ଆଇନ୍ ସେବା ପ୍ରାଧିକରଣରେ ଭୂମିକା ସମ୍ବନ୍ଧରେ ଆଲୋଚନା କରାଯାଉଥିଲା ଏବଂ ତାଲିକାଭୁକ୍ତ ଓକିଲମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତାଲିମ୍ ପ୍ରାପ୍ତ ହୋଇଥିଲେ । ଏହି ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମକୁ ସହକାରୀ ଦୌରାଜଜ୍ ସ୍ୱତନ୍ତ୍ର ଟ୍ରାକ୍ କୋର୍ଟ, ଭଦ୍ରକ, ଶ୍ରୀମତୀ ସସ୍ମିତା ନନ୍ଦୀନୀ ତ୍ରିପାଠୀ ଏବଂ ଓକିଲ ସଂଘର ସଭାପତି ଶ୍ରୀ ନିରାକାର ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ତାଲୁକ୍ ଲିଗାଲ୍ ସ୍ତରୀୟ ଆଇନ୍‌ସେବା ୩ଟି (ଚ୍ଚନ୍ଦବାଲି, ବାସୁଦେବପୁର, ଧାମନଗର)ର ତାଲିକାଭୁକ୍ତ ଓକିଲମାନେ ଅନ୍‌ଲାଇନ୍ ମାଧ୍ୟମରେ ଯୋଗଦେଇ ତାଲିମ ପ୍ରାପ୍ତ ହୋଇଥିଲେ ।

# ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଦୀପାଞ୍ଚଳବାସୀ ଅବହେଳିତ

ସାଲେପୁର, ୭/୦୭ (ନି.ପ୍ର): ସ୍ୱାଧୀନତାର ୭୬ ବର୍ଷ ପରେ ମଧ ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକସଦର ନିର୍ବାଚନ ମଣ୍ଡଳୀର କଳମିଶ୍ରି, ଜନାର୍ଦ୍ଦନପୁର, ସାନ୍ତପୁର, ପାଳଦା, ବାବୁଜଙ୍ଗ, ବନ୍ଧୁପୁର, ନେମାଳ, ତିଳକଣା, ଉତ୍ତରକୂଳ, ମଣିଜଙ୍ଗ, ମହମ୍ମଦପୁର ବହୁ ଅବହେଳିତ ଅବସ୍ଥାରେ ପଡି ରହିଥିବା ଆଜି ଉତ୍କଳ ବିକାଶ ପରିଷଦର ଅଧକ୍ଷ ପ୍ରକାଶ ସେଠୀ ନେମାଳଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଗଣମାଧମ ସମ୍ମିଳନୀରେ ସେ କହିଛନ୍ତି ଯେ ସାନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବହୁ ପଂଚାୟତର ଲୋକମାନେ ଡାକ୍ତରଙ୍କ ଅଭାବରୁ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚତ ହେଉଛନ୍ତି । ଗରୀବ ଲୋକମାନେ ସାମାନ୍ୟ ରୋଗ ପାଇଁ ବହୁ ଦୂରଦୂରାନ୍ତକୁ ଯିବାକୁ ପଡୁଛି । ସେହିପରି ସାନ୍ତପୁର ପଂଚାୟତ ରହଂସଠାରେ ହୋଇଥିବା କଲଭର୍ଟରେ ବର୍ଷା ଦିନେ ନଇକୁ ଜଳ ନିଷ୍କାସିତ ହୋଇ ପାରୁନଥିବାରୁ ବହୁ ପଂଚାୟତରେ ଖରିଫ ଫସଲ ନଷ୍ଟ ହେବା ଦ୍ୱାରା ଲୋକମାନେ ନାହିଁ ନଥିବାର ଦୁର୍ଦ୍ଦଶା ଭୋଗ କରୁଛନ୍ତି । ତତ୍‌ସହିତ ଓଡିଶା ତଥା ବାହାର ରାଜ୍ୟରୁ ଭବିଷ୍ୟତ ମାଳିକାକାର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠକୁ ହଜାର ହଜାର ଭକ୍ତ ଆସୁଥିଲେ ହେଁ ଏହି ପୀଠର ଉନ୍ନତି ପାଇଁ ସରକାର କୁମ୍ଭୀର କାନ୍ଦଣା କାନ୍ଦୁଥିବା ମନେ ହେଉଛି । କାରଣ ୫-ଟି ସଚିବ ରାଜ୍ୟର ବିଭିନ୍ନ ଦେବାଦେବୀଙ୍କ ପୀଠକୁ ଯାଇ ପୀଠର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଥିଲା ବେଳେ ନେମାଳ ପୀଠକୁ ଅଦ୍ୟାବଧି ଟଙ୍କାଟିଏ ଆସିନଥିବା ଶ୍ରୀ ସେଠୀ ପ୍ରକାଶ କରିଛନ୍ତି । ତତ୍‌ପରେ ସରକାର ପଂଚାୟତକୁ ଲକ୍ଷାଧିକ ଟଙ୍କା ବିଭିନ୍ନ ବାବଦରେ ଖର୍ଚ୍ଚ କରିବା ପାଇଁ ଦେଉଥିଲା ବେଳେ ଚାଷୀମାନଙ୍କ ପାଇଁ କୋଲଷ୍ଟୋର ନିର୍ମାଣରେ ଇଚ୍ଛା ନଥିବା ଜଣାପଡୁଛି । କୋଲଷ୍ଟୋରଟିଏ ନିର୍ମାଣ ହେଲେ ଚାଷ ଉପରେନିର୍ଭର କରୁଥିବା ଚାଷୀମାନେ ବହୁ ଉପକାରପାଇ ପାରନ୍ତେ । ସେହିପରି ରାଜ୍ୟରେ ଅଘୋଷିତ ବିଦ୍ୟୁତକାଟ ସାଙ୍ଗକୁ ମାତ୍ରାଧିକ ବିଲ୍ ସାଧାରଣ ବ୍ୟକ୍ତିମାନଙ୍କୁ ପରୋକ୍ଷରେ ସରକାର ଶୋଷଣ କରୁଥିବା ସ୍ପଷ୍ଟ ବାରି ହେଉଛି ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି । ଦ୍ୱୀପାଂଚଳ ବାସୀଙ୍କର ବିଭିନ୍ନ ସମସ୍ୟା ଯଥାଶୀଘ୍ର ସମାଧାନ ନହେଲେ ଉତ୍କଳ ବିକାଶ ପରିଷଦ ପକ୍ଷରୁ କଟକ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ।

# ସିଟ କମ୍ପ୍ୟୁଟର ଏକାଡ଼େମୀ ତରଫରୁ ଚାରା ରୋପଣ

କୋରେଇ, ୭/୦୭ (ନି.ପ୍ର): ପାଣିକୋଇଲିସ୍ଥିତ "ସିଟ" କମ୍ପ୍ୟୁଟର ଏକାଡ଼େମୀ ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ରାସ୍ତା କଡ ଓ କଂଟିଗଡ଼ିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଅଧକ୍ଷ ସନ୍ଦୀପ ନାୟକ ଓ ସହଯୋଗୀ ରଞ୍ଜନ ସାହୁଙ୍କ ସଂଚାଳନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ,ମା ତାରିଣୀ ଜୁନିଅର ମହାବିଦ୍ୟାଳୟର ଅଧକ୍ଷ ଡ.ଚନ୍ଦ୍ରକାନ୍ତ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ସୁବାସ ଧଳ,ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକ, କରୁଣାକର ମାଝୀ ପାଣିକୋଇଲି ଥାନାର କର୍ମଚାରୀ ସୁଲୋଚନ ବେହେରା ଓ ମନମୋହନ ବାରିକ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ଠାରୁ ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଫଳ ଚାରା ରୋପଣ କରାଯାଇଥିଲା ।

# ବଲାଙ୍ଗିର ବିଧାୟକଙ୍କ ବନ୍ୟା କ୍ଷୟକ୍ଷତି ଅଂଚଳ ପରିଦର୍ଶନ

ବଲାଙ୍ଗିର, ୭/୦୭ (ନି.ପ୍ର): ଆଜି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗତ ୨ ଓ ୩ ତାରିଖ ଦିନ ହୋଇଥିବା ବର୍ଷା ଯୋଗୁଁ ଦେଓଗାଁ ବ୍ଲକରେ ହୋଇଥିବା କ୍ଷୟକ୍ଷତି ଉପରେ ଅନୁଧ୍ୟାନ କରିଛନ୍ତି । ସକାଳ ପ୍ରାୟ ସାଢ଼େ ୯ଟା ସମୟରେ ଗାଇବାହାଲ ପଂଚାୟତର ଘୁଚିପାଲି ଗାଁକୁ ଯାଇ ପ୍ରଥମେ ଅନୁଧ୍ୟାନ କରିଥିଲେ । ଅଭିଯୋଗ ହୋଇଥିଲା ଯେ, ଘୁଚିପାଲି ଗାଁର ୮ଟି ପରିବାରର ବର୍ଷା ଯୋଗୁଁ ଘର ଭୁଷୁଡ଼ି ପଡ଼ିଲା । ଅନାଥ ହୋଇଗଲେ ୮ ପରିବାର । ଗାଁର ଲୋକମାନେ ଥଇଥାନ କଲେ । ପଂଚାୟତକୁ ଜଣାଇଲେ ହେଲେ ପଂଚାୟତ ଦେଖିଲା ଓ ସହାୟତା ବାବଦରେ ମାତ୍ର ଗୋଟିଏ ଓଳି ଖାଇବାର ବ୍ୟବସ୍ଥା କଲା । ଗାଁର ଲୋକମାନେ ପରିବାର ପ୍ରତିପୋଷଣ କରୁଛନ୍ତି । ବିଧାୟକ ଶ୍ରୀ ମିଶ୍ର ସ୍ଥାନୀୟ ଆରଆଇଙ୍କୁ ଆଣି ଦତନ୍ତ କରିଥିଲେ । ଆରଆଇ କ୍ଷତି ହୋଇଥିବା ବିଷୟରେ ଜଣାଇବା ପରେ ପରିବାର ବର୍ଗଙ୍କୁ ତାର ପଲିଥିନ ଦିଆଯାଇଥିଲା । କେବଳ ଗାଁର ୮ଟି ପରିବାର ନୁହେଁ ଆହୁରି ଅନେକ ପରିବାର ଏପରି ହୋଇଥିବା ଗାଁର ଲୋକମାନେ କହିଥିଲେ । ପରେ ଦେଓଗାଁ ବ୍ଲକ ମହଲାଇ ପଂଚାୟତର ବଗଡ଼ା, ହଲଦିନାଲି ଓ ଅର୍ଜୁନପୁର ପଂଚାୟତର ବ୍ରାହ୍ମଣୀପାଲି, କୁଲୁତାପଡ଼ା ପଂଚାୟତର ସିଙ୍ଗାଟିମାଲ, ଖଇରମାଲ ଗାଁରେ ହୋଇଥିବା କ୍ଷୟକ୍ଷତି ଦେଖିବା ସହ କ୍ଷତିଗ୍ରସ୍ତ ହୋଇଥିବା ପରିବାର ବର୍ଗ ସହ ଆଲୋଚନା କରିଥିଲେ । ବନ୍ୟା କ୍ଷତି ଯୋଗୁଁ ଚିନ୍ତା ନ କରିବା ପାଇଁ କହିବା ସହ ସରକାରୀ ସହୟତା ପାଇଁ ନିଶ୍ଚିତ ଉଦ୍ୟମ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ।

# ଏନୱାଇପି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ



ବାରିପଦା, ୭/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଧୀନତା ଦିବସ ମହାଡ଼ମ୍ବରରେ ପାଳନ କରାଯିବା ପାଇଁ ସ୍ଥିରିକୃତ ହୋଇଛି । ସେହିପରି ପ୍ରତ୍ୟେକ ବର୍ଷପରି ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ସେମାନଙ୍କ ଦକ୍ଷତା ବିକାଶ ପାଇଁ ମଧ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ତେବେ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ୟୁନିଟକୁ ମଧ ପୁର୍ବପରି ବକ୍ତୃତା ପ୍ରତିଯୋଗିତା କରାଇବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସୂଚନାପତ୍ର ପ୍ରକାଶ କରାଯାଇଥିଲା । ସୂଚନା ମୁତାବକ ଆଜି ଅପରାହ୍ନ ୧ଟା ସମୟରେ ବାରିପଦା ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ଏନୱାଇପି ମୟୁରଭଞ୍ଜ ୟୁନିଟ ତରଫରୁ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଙ୍କୁ ନେଇ ବକ୍ତୃତା ପ୍ରତଯୋଗୀତା ଆୟୋଜିତ ହୋଇଯାଇଛି ।ଜିଲ୍ଲା ସଭାପତି କୁଞ୍ଜ ବିହାରୀ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଜିଓଲୋଜି ବିଭାଗର ଆସିଷ୍ଟାଣ୍ଡ ପ୍ରଫେସର ସତ୍ୟସ୍ୱରୂପ ବେହେରା,ଜିଓଗ୍ରାଫି ବିଭାଗ ଆସିଷ୍ଟାଣ୍ଡ ପ୍ରଫେସର ରମ୍ୟରଞ୍ଜନ ବେହେରା, କେମେଷ୍ଟ୍ରି ବିଭାଗ ଆସିଷ୍ଟାଣ୍ଡ ପ୍ରଫେସର ଡ଼ ସରୋଜ କୁମାର ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ପ୍ରଧାପିକା ଡ଼ ସ୍ୱାଗତିକା ସିଂ, କଣ୍ଟାପାଳ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ମଞ୍ଚାସିନ ହୋଇଥିଲେ । ବିଭିନ୍ନ ସ୍କୁଲ କଲେଜରୁ ଆସିଥିବା ଛାତ୍ରଛାତ୍ରୀ ମାନେ' ଶିମିଳିପାଳର ସୁରକ୍ଷା ଦିଗରେ ଯୁବ ଗୋଷ୍ଠୀ ମାନଙ୍କର ଭୂମିକା ରହିବା ଉଚିତ କି ? ' ବିଷୟରେ ନିଜ ନିଜର ମତ ଦେଇଥିଲେ । ସେଥିମଧ୍ୟରୁ ଓଏଭି ସାନମଉଦା ରାଇରଙ୍ଗପୁରର ଛାତ୍ରୀ ଜେ.ବିଶାଲାକ୍ଷି ପ୍ରଥମ, ବାରିପଦା ଶିଶୁ ବିଦ୍ୟାମନ୍ଦିର ଜି. କିରଣ ତେଜସ୍ୱିନୀ ଦ୍ୱିତୀୟ ଓ ଝାରପୋଖରୀଆ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ଗିରି ତୃତୀୟ ସ୍ଥାନ ହାସଲ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ଅଗଷ୍ଟ୧୫ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସଦଭାବନା ଗୃହରେ ପୁରସ୍କାର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏନୱାଇପି ଉପସଭାପତି ଅଧାପକ ଅଶୋକ ପୃଷ୍ଟି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂଯୋଜକ ମଳୟ କୁମାର ନାୟକ ସ୍ୱାଗତ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ସେହିପରି ବରିଷ୍ଠ ସଦସ୍ୟ ସୁବିର କୁମାର ପରିଡା, ଲମ୍ବୋଦର ନାଏକ, ମାନସ ପୃଷ୍ଟି, ଭାନୁପ୍ରିୟା ମହାନ୍ତ, ଅଶ୍ୱିନୀ କୁମାର ମହାନ୍ତ, ସ୍ୱାଧୀନ କୁମାର ପରିଡା, ମଧୁବାଲା ରାୟ, ପୂଜା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଜିଲ୍ଲାର ପ୍ରମୁଖ ସମାଜସେବୀ ସଙ୍ଗଠନ ଏନୱାଇପି ବର୍ଷ ତମାମ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବା ନେଇ ଉପସ୍ଥିତ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଅଜଣା ଗାଡି ଧକ୍କାରେ ୫ ଗୋରୁ ମୃତ

କୋରେଇ, ୭/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ୫ଗାଇ ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି । ପ୍ରକାଶଯେ କଟକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଅଜଣା ଟ୍ରକ ଗାଡି ୧୬ ନମ୍ବର ରାଜପଥର ପାଣିକୋଇଲି ଛକ ନିକଟରେ ରାସ୍ତା ମଝିକୁ ଆସିଥିବା ୫ ଗାଇଗୋରୁ ଚାଲିଆସିଥିଲା । ଫଳରେ କଟକ ପଟୁ ବାଲେଶ୍ୱର ଆଡକୁ ଯାଉଥିବା ଅଜଣା ଟ୍ରକଟି ଭାରସାମ୍ୟ ହରାଇ ୫ଟି ଗାଇ ଗୋରୁକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୩ଟି ଗାଇ ଓ ୨ଟି ଷଣ୍ଢଙ୍କର ମୃତ୍ୟୁ ଘଟିଛି । ଏନେଇ ହେଲପିଙ୍ଗ ଗ୍ରୁପର ଉପଦେଷ୍ଟା ଅଶୋକ କୁମାର ବଳଙ୍କ ନିର୍ଦ୍ଦେଶ କ୍ରମେ ସଭାପତି ଅଶୋକ କୁମାର ଦାସ,ଜନ୍ମଞ୍ଜୟ ବିଶ୍ୱାଳ, ତାରିଣୀ ପଟ୍ଟନାୟକ,ମେଘନାଦ ଜେନା ପହଁଚି ଉକ୍ତ ଗାଈ ଗୋରୁଙ୍କ ଶବକୁ ଉଦ୍ଧାର କରି ସଂସ୍କାର କରାଯାଇଥିବା ଜଣାପଡିଛି ।

# ଆଇଆଇଟିରେ ବୌଦ୍ଧିକ ଗୁଣଧର୍ମ ଅଧିକାର କର୍ମଶାଳା

ଖୋର୍ଦ୍ଧା, ୭/୦୭ (ନି.ପ୍ର): ଭାରତୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ବୌଦ୍ଧିକ ଗୁଣଧର୍ମ ଅଧିକାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବନେଶ୍ୱରର ବୋର୍ଡ୍ ଅଫ ଗଭର୍ଣ୍ଣସ୍ ଅଧକ୍ଷ ଆର.ପି. ସିଂ, ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର, ଆଇଆଇଟି ବୋର୍ଡ୍ ଅଫ ମେମ୍ବର ପ୍ରଶାନ୍ତ କୁମାର ସ୍ୱାଇଁ, ଆଇଆଇଟିର କୁଳପତି ବାମଦେବ ଆଚାର୍ଯ୍ୟ ଏବଂ ବୌଦ୍ଧିକ ସମ୍ପଦ ଅଧିକାରର ଇନଚାର୍ଜ ପ୍ରଫେସର ଡକ୍ଟର ଗୌରବ ଭାରତରିଆ ପ୍ରଫେସର ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ଏବଂ ଅନୁସନ୍ଧାନ ବିଜ୍ଞ ବ୍ୟକ୍ତି ବିଶେଷ ମାନଙ୍କ ବୌଦ୍ଧିକ ଗୁଣ, ଧର୍ମର ଅଧିକାରକୁ ବୁଝାଇବା ପାଇଁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କର୍ମଶାଳାର ବିଷୟବସ୍ତୁ ଥିଲା ବୌଦ୍ଧିକ ଗୁଣ, ଧର୍ମର ଅଧିକାର, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱର ଶିଳ୍ପଭିତିକ ଅନୁସନ୍ଧାନ ଓ ଅଭିନୟର ବିକାଶ ପାଇଁ ପ୍ରତିବଦ୍ଧ, ତେଣୁ ଶିଳ୍ପ ସହିତ ଗତି କରିବା ପାଇଁ ବୌଦ୍ଧିକ ଗୁଣ, ଧର୍ମର ଜ୍ଞାନ ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଛାତ୍ରମାନଙ୍କୁ ଦିଆଯାଇଥିବା ବାଣିଜ୍ୟ ମନ୍ତ୍ରଣାଳୟର ପେଟେଂଟ ଏବଂ ଡିଜାଇନର କୁନ୍ଦନ କୁମାର, ସହକାରୀ ନିୟନ୍ତ୍ରକ ଖୁରାନା ଏବଂ ଖୁରାନା ଆଇନ ସଂସ୍ଥାର ଶରତ ଟିଏସ୍ ନିର୍ଦ୍ଦେଶକ ସହଭାଗୀ ତଥା ଆଇପି ଆଟର୍ଣ୍ଣି କର୍ମଶାଳାରେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ । ଆଇଆଇଟିର ପ୍ରଶାସନିକ ଅଧିକାରୀ ବରୁଣ କୁମାର ବିବରଣୀ ଉପସ୍ଥାପନ କରିଥିବା ବେଳେ କୁଳପତି ବାମଦେବ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ଶିକ୍ଷକ ଏବଂ ସମାଜସେବୀଙ୍କ ପରଲୋକ

ପୁରୀ, ୭/୦୭ (ନି.ପ୍ର): ପୂର୍ବତନ ଶିକ୍ଷକ ତଥା ସମାଜସେବୀ ବିଶ୍ୱନାଥ ମିଶ୍ର (୯୩)ଙ୍କ ସିଦ୍ଧ ବକୁଳ ମଠ ସ୍ଥିତ ନିଜସ୍ୱ ବାସ ଭବନରେ ପରଲୋକ ଘଟିଛି । ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ସହରରେ ପରିଚିତ ଥିଲେ । ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ରହିବା ସହ ସେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ ।ସେ ମଧ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସଦସ୍ୟ ଥିଲେ । ଜାଗା, ଆଖେଡା ସହ ବିଭିନ୍ନ ଧର୍ମାନୁଷ୍ଠାନ ସହ ନିଜକୁ ସାମିଲ କରିଥିଲେ । ସ୍ୱର୍ଗତ ମିଶ୍ର ଙ୍କର ବିୟୋଗ ରେ ମୁନିସିପାଲିଟି ନୋଡାଲ ସ୍କୁଲ ଏବଂ ମୁକ୍ତି ମଣ୍ଡପ ପଣ୍ଡିତ ସଭା ରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ରିଜିୟନାଲ ସ୍ପୋର୍ଟ ମିଟ୍

ଭଦ୍ରକ, ତା.୭.୦୮.୨୦୨୩। ଚଳିତ ମାସ ୭ ଓ ୮ ତାରିଖ ଦିନ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ଠାରେ ଅନୁଷ୍ଠିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ରିଜିୟନାଲ୍ ସ୍ପୋର୍ଟ ମିଟ୍ ପାଇଁ ଭଦ୍ରକ କୋରକୋରା ଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ପୋର୍ଟ ଇନ୍ ଚାର୍ଜ ଏସ୍.ରାଉତ ଏବଂ ଶବନମ ସେନାପତିଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲାରୁ ୯ଜଣ କ୍ରୀଡ଼ାବିତ୍ ଟାଏକୋଣ୍ଡ ଖେଳ ପାଇଁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ସୁଦୀପ୍ତା ବାରିକ୍, ବିକାଶ ନାଥ, ଆଶୁତୋଷ ସାହୁ, ସୋୟମ ପ୍ରକାଶ ସାହୁ, ପ୍ରସନ୍ନଜିତ୍ ମିଶ୍ର, ସୋମେନ୍ଦ୍ର କୁମାର ଦାସ, ଜ୍ୟୋତିରଂଜନ ମହାଳିକ, ଶ୍ରୀୟା ପତି ଓ ଓମ୍ପ୍ରଜ୍ଞା ପଣ୍ଡା ଅନ୍ୟତମ । ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ ଇନ୍‌ଚାର୍ଜ ରଶ୍ମିତା ସାହୁ କ୍ରୀଡ଼ାବିତ୍‌ମାନଙ୍କୁ ଅର୍ପଣ ସହ ଶୁଭକାମନା ଜଣାଇଛନ୍ତି ।

## ସୋମବାରରୁ କଳାବ୍ୟାଚ, ୧୮ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖଇରା, ୭/୦୮ (ନି.ପ୍ର): ଦିର୍ଘଦିନ ଧରି ବିଭିନ୍ନ ଦାବୀ ପୁରଣ କରାନଯିବା ପ୍ରତିବାଦରେ ଖଇରା ବ୍ଲକର ସମସ୍ତ ପଞ୍ଚାୟତର କାର୍ଯ୍ୟରତ ନିର୍ବାହୀ ଅଧିକାରୀ ମାନେ ସୋମବାର ଠାରୁ କଳାବ୍ୟାଚ ପରିଧାନ କରିଛନ୍ତି । ଯଦି ୧୭ତାରିଖ ସୁଦ୍ଧା ଦାବୀ ପୁରଣ ନହୁଏ ତେବେ ୧୮ତାରିଖ ଠାରୁ ସମସ୍ତ ନିର୍ବାହୀ ଅଧିକାରୀ ମାନେ କାର୍ଯ୍ୟରେ ଯୋଗଦାନ ପାଇଁ ଚେତାବନୀ ଦେଇଛନ୍ତି । ଗ୍ରେଡ ପେ ୨ହଜାରରୁ ୪ହଜାର୨ଶହ ଏବଂ ଲେବଲ-୯ରେ ପେ ୫ ହଜାର୨ ଶହରୁ ୯ହଜାର ୩ଶହକୁ ବୃଦ୍ଧି, ଶିକ୍ଷାଗତ ଯୋଗ୍ୟତା +୨ ପରିବର୍ତ୍ତେ +୩ କରାଯିବା,ପିଇଓ ମାନଙ୍କୁ ଓପିଆରଏସ କ୍ୟାଡରଭୁକ୍ତ କରିବା ଇତ୍ୟାଦି ଦାବୀ ରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି । ଖଇରା ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସଭାପତି ଆଶିଷ କୁମାର ଜେନା ଓ ସମ୍ପାଦକ ଜ୍ୟୋତି ପ୍ରକାଶ ବେହେରା ଙ୍କ ନେତୃତ୍ୱରେ ୩୭ପଞ୍ଚାୟତର ନିର୍ବାହୀ ଅଧିକାରୀ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

# ଡ. କରୁଣାକର ରାଉଳଙ୍କ ଚାରୋଟି ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର, ୭/୦୮ (ନି.ପ୍ର): ବାସ୍ତବିକ ଜୀବନଟା ମଧୁମୟ। ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚେତନା ସ୍ତରରେ ନିଜକୁ ସୁଖୀ ରଖି ପାରିଲେ ହୃଦୟତନ୍ତ୍ରୀରୁ ମଧୁର ମୂର୍ଚ୍ଛନା ଶ୍ରୁତିଗୋଚର ହେବ ବୋଲି ଇଂରାଜୀ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କରୁଣାକର ରାଉଳଙ୍କ ଚାରିଗୋଟି ପୁସ୍ତକ ଉନ୍ମୋଚନ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଶନିବାର ସ ରବିବାର ଦୁଇଦିନ ବ୍ୟାପି ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବର ପ୍ରଥମ ଦିନ ଡ. ରାଉଳଙ୍କ କବିତା ସଂକଳନ 'ମଧୁକାମିନୀ' ଓ 'ମଧୁ ସଙ୍ଗିନୀ' ଦୁଇଗୋଟି ପୁସ୍ତକକୁ ବିଶିଷ୍ଟ ସାରସ୍ୱତ ସାଧକ ଡ. ରମାକାନ୍ତ ବେହେରା ଉନ୍ମୋଚନ କରିଥିବାବେଳେ 'ଅକ୍ଷାଂଶ'ର ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ସମୀକ୍ଷା କରିଥିଲେ। ସେହିଭଳି ଦ୍ୱିତୀୟ ଦିବସରେ ଆଉ ଗୋଟିଏ କବିତାଗ୍ରନ୍ଥ 'ମଧୁଯାମିନୀ' ଏବଂ ରବୀନ୍ଦ୍ରନାଥ ଠାକୁରଙ୍କ ରଚିତ 'ଚଣ୍ଡାଳିକା'ର ଓଡ଼ିଆ ଅନୁବାଦ ବରେଣ୍ୟ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକ ଦୁଇଟିକୁ ସମୀକ୍ଷା କରିଥିଲେ। ଚିତ୍ରଶିଳ୍ପୀ କେଶୁ ଦାସ ବକ୍ତବ୍ୟ ରଖିଥିଲେ। କବିପୁତ୍ର ଅଧ୍ୟାପକ କମଳ କୁମାର ରାଉଳ ଓ ଅଧ୍ୟାପକ ଅମଲ କୁମାର ରାଉଳ ମଞ୍ଚାସୀନ ହୋଇ ପିତାଙ୍କ ସାରସ୍ୱତ ସାଧନା ସଂପର୍କରେ ସମ୍ୟକ କଥା ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେବା ସହ କବିଙ୍କ ଗୋଟିଏ କବିତାକୁ ସ୍ୱର ସଂଯୋଜନା କରି ଗାନ କରିଥିଲେ।

# କୋଡ଼ିଏ ଲକ୍ଷ ଠକେଇ ମାମଲାରେ ବାର ଲକ୍ଷ ଅଠାଅଶୀ ହଜାର ଜବତ ୫ ଗିରଫ

ସୁବର୍ଣ୍ଣପୁର , ୭/୦୮ (ନି.ପ୍ର): ସୋନପୁର ଜିଲ୍ଲା ପୋଲିସ କୁ ମିଳିଛି ଏକ ବଡ ସଫଳତା । ୨୦ ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ ବଦଳରେ ୨୫ ଲକ୍ଷ ଟଙ୍କାର ୨୦୦୦ ଟଙ୍କିଆ ନୋଟ ପାଇ ରାତା ରାତି କୋଟି ପତି ହେବା ସ୍ୱପ୍ନ ଦେଖୁଥିଲେ ସୋନପୁର ର ରାଜେଶ୍ ମେହେର ଓ ତାଙ୍କର ଜଣେ ଭୁବନେଶ୍ୱର ସାଙ୍ଗ ମନୋଜ ବ୍ରହ୍ମା । କିନ୍ତୁ ପରିଶେଷ ରେ ହୋଇଥିଲେ ବଡ଼ ଠକାମୀ ର ଶିକାର । ସୋନପୁର ର ଗୋଟେ ହୋଟେଲ ରେ ହୋଇଥିଲା ଡ଼ିଲ ସ୍ଥାନୀୟ ଘୋଡୋଘାଟ ପଡା ର ଯୋଗେଶ୍ୱର ବେହେରା, ବରଗଡ଼ ର ଟଙ୍କଧର ବେହେରା ଓ ଶିବ ମେହେର, ଗଞ୍ଜାମ ର ବି ତ୍ରିନାଥ ରାଓ ଓ ଏ ସନ୍ତୋଷ ମିଶି ବିଛାଇ ଥିଲେ ଠକାମୀ ର ଜାଲ ।

ରାଜେଶ୍ ମେହେର ଟଙ୍କା ବେଗ ଧରି ପହଂଚି ଯାଇଥିଲେ ଜିଲ୍ଲାପାଳଜିଲ୍ଲାପାଳ କାର୍ଯ୍ୟାଳୟ ଆଗକୁ ଓ ଅଭିଯୁକ୍ତ ଏକ ଗାଡିରେ ରାଜେଶ୍ ଙ୍କ ଠୁ ୫୦୦ ଟଙ୍କିଆ ନୋଟଥିବା ବେଗ ଗ୍ରହଣ କଲେ। ଠିକ୍ ସେହି ସମୟରେ ପ୍ଲାନ ମୁତାବକ ଅନ୍ୟ ଅଭିଯୁକ୍ତ ଏକ ସ୍କର୍ପିଓ ଗାଡ଼ି ରେ ପୋଲିସ ସାଇରନ ଦେଇ ଘଟଣା ସ୍ଥଳ କୁ ଆସିଥିଲା ଓ ରାଜେଶ୍ ମେହେର ଙ୍କୁ ପୋଲିସ ଆସୁଛି ଅନ୍ୟ ଜାଗାକୁ ଆସି ୨୦୦୦ ଟଙ୍କିଆ ନୋଟ୍ ନେବ କହି ଖସି ଯାଇ ଥିଲେ ଅଭିଯୁକ୍ତ। ତାପରେ ଠକାମିର ଶିକାର ହୋଇଥିବା ରାଜେଶ ମେହେର ସୋନପୁର ଥାନାରେ ଲିଖିତ ଅଭିଯୋଗ କଲେ । ସୋନପୁର ପୋଲିସ କେସ ନମ୍ବର ୧୮୧/୩୦.୭.୨୩ ରେ ଦଫା ୪୨୦/୧୨୦(ବି) (ଅନୁସାରେ ଠକେଇ ମାମଲା ରୁଜୁକରି ପରେ ୪୨୦/୪୬୮ /୪୭୧ ଓ ୧୩୦ (ବି) ରେ ପରିବର୍ତନ କରି ତଦନ୍ତ ଆରମ୍ଭ କରିଥିଲେ। ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଘଟଣା କୁ ଅତ୍ୟନ୍ତ ଗମ୍ଭୀରତା ସହ ନେଇ ତନାଘନା ଆରମ୍ଭ କରାଇ ଶେଷରେ ପୋଲିସ ଟିମ୍ ଅଭିଯୁକ୍ତ ଙ୍କୁ ଧରିବାରେ ସକ୍ଷମ ହେଲେ। ତାଙ୍କ ଠାରୁ ନଗଦ ୧୨ଲକ୍ଷ ୮୮ହଜାର ଟଙ୍କା ଓ ଅଭିଯୁକ୍ତ ବ୍ୟବହାର କରିଥିବା ସ୍କର୍ପିଓ ଗାଡି ଓଆର୍୦୨ବିଡବ୍ଲ୍ୟୁ ୧୦୦୦ ଓ ଏକ ଜାଲ ନମ୍ବର ପ୍ଲେଟ ଓ ୨ଗୋଟି ମୋବାଇଲ ଫୋନ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଏ ଘଟଣାରେ ସଂପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରିବାପାଇଁ ତଲାସୀ ଅଭିଯାନ ଚାଲିଥିବା ଏସପି ସୋନପୁର ଥାନାରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ରାଜକିଶୋର ମିଶ୍ର, ଥାନା ଅଧିକାରୀ ପଦ୍ମାସିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣ ମହିଳାଙ୍କ ହୃଦଘାତରେ ମୃତ୍ୟୁ

ନୀଳଗିରି , ୭/୦୮ (ନି.ପ୍ର): ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ ଗରଡିହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ନାୟକଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନାୟକଙ୍କର ୭୮ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ ହୋଇଛି। ୧୯୪୫ମସିହାରେ ଜନ୍ମ ଗ୍ରହଣ କରିଥିବା ଶ୍ରୀମତୀ ନାୟକ ଜଣେ ଧର୍ମପରାୟଣ , ମେଳାପି, ପରୋପକାରୀ, ବନ୍ଧୁବତ୍ସଲ ମହିଳା ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା। ଗତ ୪ତାରିଖ ଶୁକ୍ରବାର ଚିକିତ୍ସିତ ଅବସ୍ଥାରେ ନିଜ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀର ନିକଟରେ ୪ପୁତ୍ର ବସନ୍ତ, ପ୍ରଶାନ୍ତ, ସୁଶାନ୍ତ, ଶ୍ରୀକାନ୍ତ ସମେତ ୪ବୋହୂ ଉପସ୍ଥିତ ଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କଲାପରେ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସାନ ପୁଅ ଶ୍ରୀକାନ୍ତ ମୁଖାଗ୍ନି ଦେଇଥିଲେ। ଏକାଦଶାହ କର୍ମରେ ବିରାଟ ନାମଯଜ୍ଞ ହେବାର ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ତଦାନ ଶିବିର : ୪୦ ୟୁନିଟ୍ ସଂଗୃହିତ

ଜଳେଶ୍ୱର ୭/୮(ନି.ପ୍ର): ଜଳେଶ୍ୱରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିରକୁ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କମିଟି ସଭାପତି ଅଦିତ୍ୟ କୁମାର ପାତ୍ର, ସଂପାଦକ କମଳ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋରଂଜନ ଦାସ, ଜିତାରାମ ଦେ ପ୍ରମୁଖ ଉପସ୍ଥିତ ଥିଲେ । ମେ ଆଇ ହେଲ୍ପ ୟୁ, ମୋ ପରିବାରର ସଦସ୍ୟମାନେ ପରିଚାଳନା କରିଥିବା ବେଳେ ନରହରୀ ବେହେର ଓ ଜଗନ୍ନାଥ ପରିଡା ପରିଚାଳନା କରିଥିଲେ । ଏଥିରେ ମୋଟ ୪୦ ୟୁନଯଇ ରକ୍ତ ସଂଗୃହିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଭଲ ନାହିଁ ଶ୍ରୀମନ୍ଦିର.....

ତେବେ ବର୍ଷଟିଏ ଅପେକ୍ଷା ନକରି ଯଥାଶୀଘ୍ର ଖୋଲାଯାଉ। ସେହିଭଳି ରତ୍ନଭଣ୍ଡାର ତୁରନ୍ତ ଖୋଲାଗଲେ ହିଁ ଏ ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ଭକ୍ତଙ୍କ ଆଶା ଓ ଆଶଙ୍କାରେ ଅବସାନ ଘଟିବ ବୋଲି ମତ ରଖିଛନ୍ତି ବରିଷ୍ଠ ସେବାୟତ। ୧୯୭୮ ମସିହା ପରଠୁ ଆଉ ଖୋଲିନି ଶ୍ରୀମନ୍ଦିର ରତ୍ନଭଣ୍ଡାର। ଏପଟେ ରତ୍ନଭଣ୍ଡାରେ ଗଚ୍ଛିତ ଥିବା ମହାପ୍ରଭୁଙ୍କ ଦୁର୍ମୂଲ୍ୟ ଅଳଙ୍କାର ସୁରକ୍ଷିତ ରହିଛି କି ନାହିଁ, ତାକୁ ନେଇ ଆଶା ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଅନ୍ୟପଟେ ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ ମଧ୍ୟ ଜରୁରୀ ହୋଇପଡ଼ିଛି। ଏଭଳି ସ୍ଥିତିରେ ଏବେ ସବୁକିଛି କୋର୍ଟଙ୍କ ରାୟ ଉପରେ ନିର୍ଭର କରୁଥିବାରୁ ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟକୁ ହିଁ ସମସ୍ତଙ୍କ ଅପେକ୍ଷା।

## ବିରୋଧୀଙ୍କ ସବୁ ରଣନୀତି ....

ଏନଡିଏ ସରକାର ସମର୍ଥନ ହୋଇଛନ୍ତି। ଭୋଟିଂ ବେଳେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ତେଣୁ କାଗଜରେ ସାଂସଦମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏହା ପୂର୍ବରୁ ଦିଲ୍ଲୀ ସର୍ଭିସ ବିଲ୍ ଲୋକସଭାରେ ପାରିତ ହୋଇଥିଲା। କେନ୍ଦ୍ର ସରକାର ପ୍ରବଳ ହଙ୍ଗାମା ଓ ନାରାବାଜୀ ଭିତରେ ଦିଲ୍ଲୀ ବିଲ୍‌କୁ ଲୋକସଭା ଭଳି ରାଜ୍ୟସଭାରେ ପାରିତ କରିବାରେ ସକ୍ଷମ ହୋଇଛନ୍ତି। ବିତର୍କ ପରେ ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ସଂସଦର ସିଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଥିଲେ। କିନ୍ତୁ ରାଜ୍ୟସଭା ଅଧ୍ୟକ୍ଷ ବିରୋଧୀଙ୍କ ସବୁ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଆଜି ରାଜ୍ୟସଭାରେ ଏହି ବିଲ୍ ଉପସ୍ଥାପନ କରାଯାଇଥିଲେ ହେଁ ଏହାକୁ କଂଗ୍ରେସ ଓ ଆପ୍ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା। କଂଗ୍ରେସ ସାଂସଦ ଅଭିଷେକ ମନୁସିଙ୍ଘଭୀ କହିଛନ୍ତି, "ନିୟନ୍ତ୍ରଣ କରିବା ପାଇଁ ବିଜେପି ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛି। ଏହି ବିଲ୍ ଅସାମ୍ବିଧାନିକ। ଏହା ମୂଳତଃ ଅଗଣତାନ୍ତ୍ରିକ ଓ ଆଞ୍ଚଳିକ ସ୍ୱରକୁ ଚାପି ଦେବା ପାଇଁ ଏହି ବିଲ୍ ଅଣାଯାଇଛି। ଦିଲ୍ଲୀବାସୀଙ୍କ ପ୍ରତି ଅନ୍ୟାୟ କରାଯାଉଛି। ଏହା ସଙ୍ଘୀୟ ବ୍ୟବସ୍ଥାର ସବୁ ନିୟମକୁ ଉଲ୍ଲଙ୍ଘନ କରୁଛି। ସାଧାରଣ ପ୍ରଶାସନିକ ନିୟମର ସବୁ ଉତ୍ତରାଦାୟିତ୍ୱକୁ ବେଖାତିର କରୁଛି। ବିଧାନସଭା ଭିତ୍ତିକ ଗଣତନ୍ତ୍ରକୁ ମଧ୍ୟ ଏହି ବିଲ୍ ଦ୍ୱାରା ଚାପି ଦିଆଉଛି।" ଆପ୍ ପକ୍ଷରୁ ସାଂସଦ ରାଘବ ଚଡ୍ଡା ମଧ୍ୟ ମତ ରଖି ଦିଲ୍ଲୀ ସର୍ଭିସ ବିଲ୍ କେମିତି ଗୋଟିଏ ନିର୍ବାଚିତ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରୁଛି, ତା' ଉପରେ ନିଜର ପକ୍ଷ ରଖିଥିଲେ। ସବୁ ଦଳର ସାଂସଦମାନେ ମତ ରଖି ସାରିବା ପରେ ଶେଷରେ ବିଲ୍ ସପକ୍ଷରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିଜର ପକ୍ଷ ରଖିଥିଲେ। ସେ ବିରୋଧୀଙ୍କୁ କଟାକ୍ଷ କରିବା ସହ ସମ୍ବିଧାନକୁ କେମିତି ସଂଶୋଧନ କରାଯାଇ ଜରୁରିକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା, ସେକଥା ମଧ୍ୟ ସମସ୍ତଙ୍କୁ ମନେ ପକାଇ ଦେଇଥିଲା। ଏହାବାଦ ବିରୋଧୀଙ୍କୁ ସେ ଚ୍ୟାଲେଞ୍ଜ କରି ଦିଲ୍ଲୀ ବିଲ୍‌କୁ ଅଟକାଇ ଦେଖାଇବାକୁ ମଧ୍ୟ ଆହ୍ୱାନ ଦେଇଥିଲେ। ଏହାପରେ ବିଲ୍ ଉପରେ ଭୋଟ ହୋଇଥିଲା। ଆଉ ଏନଡିଏ ସରକାର ବେଶ ସହଜରେ ରାଜ୍ୟସଭାରେ ଏହାକୁ ପାରିତ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ରାଜ୍ୟସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ପାଖରେ ବିଲ୍ ପାରିତ କରିବାକୁ ଆବଶ୍ୟକ ସଂଖ୍ୟା ନଥିଲା। କିନ୍ତୁ ୱାଇଏସଆର କଂଗ୍ରେସ ଓ ବିଜେଡି ଭଳି ଅଣ ଏନଡିଏ ଦଳ ବିଲ୍‌କୁ ସମର୍ଥନ କରିଥିଲେ। ତେଣୁ ଲୋକସଭା ଭଳି ରାଜ୍ୟସଭାରେ ମଧ୍ୟ ଏହି ବିଲ୍ ପାରିତ ହୋଇଛି। ଏବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହୋଇଯିବ। ପ୍ରଶାସନିକ ନିଯୁକ୍ତି ଓ ବଦଳି ଅଧିକାର ଦିଲ୍ଲୀର ନିର୍ବାଚିତ ସରକାରଙ୍କର ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହାପରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଅଧ୍ୟାଦେଶ ଆଣି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ମାତ ଦେଇଥିଲେ। ଏବେ ଉକ୍ତ ଅଧ୍ୟାଦେଶ ବଦଳରେ କେନ୍ଦ୍ର ସରକାର ନ୍ୟାଶନାଲ କ୍ୟାପିଟାଲ୍ ଟେରିଟୋରୀ ଅଫ ଦିଲ୍ଲୀ (ସଂଶୋଧନ) ବିଲ୍ ୨୦୨୩ ଆଣିଛନ୍ତି। ଏହା ଆଇନରେ ପରିଣତ ହୋଇଯିବା ପରେ ପ୍ରଶାସନିକ ନିୟନ୍ତ୍ରଣ ଉପ ରାଜ୍ୟପାଳଙ୍କ ହାତରେ ରହିବ। ଉପ ରାଜ୍ୟପାଳ ହେଉଛନ୍ତି କେନ୍ଦ୍ରର ପ୍ରତିନିଧି। ତେଣୁ ପରୋକ୍ଷରେ କେନ୍ଦ୍ର ସରକାର ଦିଲ୍ଲୀର ପ୍ରଶାସନିକ ବିଧିବ୍ୟବସ୍ଥାକୁ ନିୟନ୍ତ୍ରଣ କରିବେ।

## ଧ୍ୱନିପ୍ରତିଧ୍ୱନି ଓ ସାଗରିକାର.....

ସଭାପତି ଡ. ହୃଷୀକେଶ ମଲ୍ଲିକ, ବରିଷ୍ଠ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାକାର, କବି ଡ. ଅଜୟ ସ୍ୱାଇଁ, ବିଶିଷ୍ଟ ସଂଳାପ ଲେଖକ ଓ ଗୀତିକାର ଡ. ରଜନୀ ରଂଜନ, ବିଶିଷ୍ଟ ସମାଜସେବୀ, ଶିଳ୍ପପତି ସଂଗ୍ରାମ ଦାସ ଓ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ । ପ୍ରଥମେ ପ୍ରାକ୍ କଥନରୁ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳନା ସମ୍ପାଦନ ସୃଷ୍ଟିଧର ପରିଡ଼ା । ପରେ ଅତିଥିମାନଙ୍କ ଦ୍ୱାରା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ଶ୍ରୁତି ଶୈଳଜାଙ୍କ ଗଳ୍ପ ପୁସ୍ତକ 'ଚିତ୍ରପଟ', ଜୟନ୍ତୀ ବିଶ୍ୱାଳ ବେହୁରିଆଙ୍କ କବିତା ପୁସ୍ତକ 'ଏ ଯୁଦ୍ଧ ବି ସରିଯିବ ଦିନେ', ପୀତାମ୍ବର ଦାସଙ୍କ ଗଳ୍ପ ପୁସ୍ତକ 'ସାଗର କଇଁ', ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କ କବିତା ପୁସ୍ତକ 'କିଛି କଥା କହିହୁଏ ଆଉ କିଛି ବାକି ରହେ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବହୁ ବରିଷ୍ଠ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା । ଡ. ହୃଷୀକେଶ ମଲ୍ଲିକଙ୍କୁ 'ଧ୍ୱନି ପ୍ରତିଧ୍ୱନି ସାରସ୍ୱତ ସମ୍ମାନ', ପ୍ରଫେସର ଆଦିକନ୍ଦ ସାହୁଙ୍କୁ 'ସାଗରିକା ସାରସ୍ୱତ ସମ୍ମାନ', ଡ. ଅମିତାଭ ଗିରିଙ୍କୁ 'ବାଲେଶ୍ୱର ବରପୁତ୍ର ସମ୍ମାନ', ଡ.କୁଞ୍ଜବିହାରୀ ଧଳଙ୍କୁ 'କବିତା ସମ୍ମାନ', ଡ. ମଥୁରାନାଥ ହୋତାଙ୍କୁ ପ୍ରବନ୍ଧ ସମ୍ମାନ, ଡ. ରତିକାନ୍ତ ବେହେରାଙ୍କୁ 'ସାଗରିକା ଗଳ୍ପ ସମ୍ମାନ', ସୁକାନ୍ତି ନନ୍ଦଙ୍କୁ 'ଉପନ୍ୟାସ ସମ୍ମାନ', ଶ୍ରୀଯୁକ୍ତ ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କୁ 'ଶିଶୁ ସାହିତ୍ୟ ସମ୍ମାନ', ଦୀପକ ରଂଜନ ମିଶ୍ରଙ୍କୁ 'ଯୁବ ପ୍ରତିଭା ସମ୍ମାନ', ବନୋଜ ତ୍ରିପାଠୀଙ୍କୁ 'ସଂପାଦନା ସମ୍ମାନ', ପ୍ରତିମା ଜେନାଙ୍କୁ 'ସାମ୍ବାଦିକ ସମ୍ମାନ', ଇଂ. ହୃଷୀକେଶ ସାହୁଙ୍କୁ 'ସମାଜସେବୀ ସମ୍ମାନ', ରାଇରଙ୍ଗପୁର ଆଇଟିଆଇକୁ 'ଶିକ୍ଷାନୁଷ୍ଠାନ ସମ୍ମାନ' ଏବଂ 'ଅନୁଷ୍ଠାନ ସମ୍ମାନ' ଧାମରା ମତ୍ସ୍ୟ ପୋତାଶ୍ରୟକୁ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବହୁ କବିଙ୍କ ଦ୍ୱାରା କବିତା ଆବୃତି କରାଯାଇଥିଲା । ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ କବି ଓ ସାହିତ୍ୟିକ ଏହି ଉତ୍ସବରେ ଭାଗ ନେଇଥିଲେ ।

## ଗୁଜରାଟରେ ଏକାଠି ଲୋକସଭା ...

ଗୁଜରାଟରେ ବିଜେପି ଏଥର ସମସ୍ତ ୨୬ଟି ଯାକ ଆସନ ଜିତି ପାରିବ ନାହିଁ।" ଆପ୍ କେଉଁଠି କାହାକୁ ପ୍ରାର୍ଥୀ କରିବ, ସେକାମ ଏବେଠାରୁ ଆରମ୍ଭ କରିଦେଇଥିବା ଗଡଭୀ ସୂଚନା ଦେଇଛନ୍ତି। ଆପ୍‌ର ରାଜ୍ୟ ମୁଖ୍ୟ ମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ ହେଁ କଂଗ୍ରେସ ମାପିଚୁପି ମତ ରଖିଛି। ଦଳ ସବୁବେଳେ କେନ୍ଦ୍ର ନେତୃମଣ୍ଡଳୀଙ୍କ ନିର୍ଦ୍ଦେଶ ଅନୁସାରେ କାମ କରେ ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ମନୀଷ ଦୋଶି କହିଛନ୍ତି, "ମୁଁ ଏବେ ହିଁ ତାଙ୍କ ଘୋଷଣା ସମ୍ପର୍କରେ ଜାଣିବାକୁ ପାଇଛି। ଅନ୍ୟ ଦଳ ସହ ଶିଟ୍ ଶେୟାରିଂ ବ୍ୟବସ୍ଥା ଦଳର ହାଇକମାଣ୍ଡ ନେବେ। ନିର୍ବାଚନ ପୂର୍ବରୁ ମେଣ୍ଟ କରିବା ନେତୃବୃନ୍ଦ ଅଧିକାର ପରିସରରେ ଆସୁଛି। ଏ ସମ୍ପର୍କରେ ଜାତୀୟ ସ୍ତରର ନେତା ଯାହା ନିର୍ଦ୍ଦେଶ ଦେବେ ଗୁଜରାଟ କଂଗ୍ରେସ ସେଇଆ କରିବ।"

# କାର୍-ବସ୍ ସାମ୍ନାସାମ୍ନି ଧକ୍କା : ଅଳ୍ପକେ ବର୍ତ୍ତିଲେ ପାସେଞ୍ଜର

ଜଳେଶ୍ୱର ୭/୮(ନି.ପ୍ର): ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଅଣ୍ଡର ପାସ୍ ନିକଟରେ ଆଜି ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ନୋରାନି ବସ୍ (ଓଆର୍୦୧କେ-୧୦୫୫) ସ୍ଲିପ୍‌ରୋଡରେ ଓହ୍ଲାଇବା ସମୟରେ ଜଳେଶ୍ୱର ସହରକୁ ଯାଉଥିବା ଓଡି ୦୧ଏସି-୩୬୭୩ କାର୍ ସାମ୍ନାସାମ୍ନି ଧକ୍କା ହୋଇଥିଲା । ଫଳରେ କାରଟି ଭାଂଗିରୋଜି ଯାଇଥିବା ବେଳେ ଡ୍ରାଇଭାର ଓ ବସ୍‌ର ପାସେଞ୍ଜର ଅଳ୍ପକେ ରକ୍ଷା ପାଇଛନ୍ତି । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ବସ୍ ଓ କାର୍‌କୁ ଥାନାକୁ ନେଇ ଅଟକ ରଖିଛନ୍ତି । ସୂଚନାଯୋଗ୍ୟ ୬୦ନଂ ଜାତୀୟ ରାଜପଥରୁ ଗାଡି ଗୁଡିକ ସ୍ଲିପରୋଡରେ ଓହ୍ଲାଇବା ପରେ ରାସ୍ତା ନିର୍ମାଣ ଶୈଳୀରେ ତ୍ରୁଟି ରହିଥିବାରୁ ବହୁ ସମୟରେ ଯାନବାହାନ ଏପରି ଦୁର୍ଘଟଣାରୁ ସମ୍ମୁଖୀନ ହେଉଛନ୍ତି । ଅଣ୍ଡରପାସ୍‌ର ପୂର୍ବ ଓ ପଶ୍ଚିମ ଦିଗରେ କୌଣସି ଟ୍ରାଫିକ୍ ନଥିବାରୁ ଯାନଗୁଡିକ ବେପାରୁଆଭାବେ ଚଳାଚଳ କରୁଥିବାରୁ ଭବିଷ୍ୟତରେ ବଡଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ନାହିଁ ।

## ମିଲେଟ ଶକ୍ତି କାଫେ ଉଦ୍‌ଘାଟିତ

ସୁବର୍ଣ୍ଣପୁର , ୭/୦୮ (ନି.ପ୍ର):ସୋନପୁର ବ୍ଲକ ଛକରେ ବ୍ଲକ ପକ୍ଷରୁ ଆଜି ଏକ ମିଲେଟ ଶକ୍ତି କାଫେ ଉଦଘାଟିତ ହୋଇଯାଇଛି । ମଦର ଟେରେସା ବ୍ଲକ ଲେଭେଲ ଫେଡେରେସନ ଦ୍ୱାରା ପରିଚାଳିତ ଏହି ମିଲେଟ ଶକ୍ତି କାଫେ କୁ ଆଜି ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ । ସ୍ଥାନୀୟ ମାଁ ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ସହ ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକ ଏବଂ ସ୍ଥାନୀୟ ଗ୍ରାହକଙ୍କୁ ସୁଲଭ ଓ ସୁଆଦିଆ ଖାଦ୍ୟ ପରଷି ଦେବା ଲକ୍ଷ୍ୟରେ ଏହି କାଫେର ଆରମ୍ଭ କରାଯାଇଛି । ଆଜି ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ସିଡିଓ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ଏବିଭିପିର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରକ୍ତଦାନ ଶିବିର




ଭଦ୍ରକ, ୭/୦୮ (ନି.ପ୍ର): ୧୯୪୯ ମସିହା ଜୁଲାଇ ୯ ତାରିଖରେ ସ୍ଥାପିତ ଦେଶର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଭଦ୍ରକ ଜିଲ୍ଲା ଏବିଭିପି ତରଫରୁ ଜିଲ୍ଲା ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ବରିଷ୍ଠ ରାଷ୍ଟ୍ରବାଦୀ ବିଚାରକ ତଥା ବିଦ୍ୟାର୍ଥୀ ପରିଷଦର ଶୁଭେଚ୍ଛୁ ନିରଞ୍ଜନ ସାହୁ ଉଦଘାଟନ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ମହାବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ସ୍ୱେଚ୍ଛାକୃତ ଭାବେ ଆସି ରକ୍ତଦାନ କରିଥିଲେ। ରକ୍ତ ଅଭାବରୁ କାହାରି ଜୀବନ ହାନି ନଘଟୁ ଏବଂ ସମାଜ ପ୍ରତି ଆମ ସେବା କାର୍ଯ୍ୟର ଏକ ପ୍ରମୁଖ ଅଂଶ ହେଉଛି ରକ୍ତଦାନ ଏହା ନିୟମିତ ଭାବରେ ଜାରି ରହିବା ଦରକାର ବୋଲି ଏବିଭିପିର ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସହ ପ୍ରମୁଖ ପୁରୁଷୋତ୍ତମ ବେହେରା, ବାଲେଶ୍ୱର ବିଭାଗ ସହ ସଂଯୋଜକ ବିଶ୍ୱନାଥ ଲାହା, ସହ ସଂଯୋଜିକା ମମତା ମହାକୁଡ଼, ବିଭାଗ ଛାତ୍ରୀ ସହ ପ୍ରମୁଖ ପାର୍ବତୀ ମିଶ୍ର, ବିଭାଗ ସଂଗଠନ ମନ୍ତ୍ରୀ ସମ୍ବିତ ପ୍ରସାଦ ରାଉତ, ଗୋବିନ୍ଦ ରାଉତ, ଦେବାଶିଷ ଲାହା, ଓଁକାର ମହାନ୍ତି, ଗୋପାଳ ଗୋଛାୟତ, ହୃଷିକେଶ ଗୋସ୍ୱାମୀ, ହିମାଂଶୁ ନାୟକ, ଆଲୋକ ଦାସ ପ୍ରମୁଖ ରକ୍ତଦାନ କରିଥିବା ବେଳେ ପ୍ରଶାନ୍ତ ସିଂ, ରାହୁଲ ଦେବ ସାହୁ, ଦୀପକ ବେହେରା, ବାମଦେବ ବାରିକ, ଶୁଭଲକ୍ଷ୍ମୀ ପୃଷ୍ଟି, ପ୍ରକାଶ ଦାସ, ଶଶିକଳା ସାହୁ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**SARASWATA MAHAVIDYALAYA, ANANTAPUR, BALASORE**

**TENDER CALL NOTICE**

Sealed tenders in the prescribed format are invited from registered firms/ Dealers/ Suppliers having valied GST registration, PAN & IT clearance for supply of laboratory equipments to the college so as to reach the undersigned through Registered POST/ Speed POST/ Courier / By hand latest by 5:00P.M on or before 14.08.2023. The tender paper available in the college office website www.saraswatamahavidyalayaanantapur.in. The undersigned reserves the right to accept or reject any or all bids or parts without assigning any reason what-so-ever.

Principal
Saraswata Mahavidyalaya,
Anantapur, BALASORE

## ବସ୍ତା ଉପଖଣ୍ଡ ଅଧିକାରୀଙ୍କୁ ସମ୍ବର୍ଦ୍ଧନା କଲେ ବିକାଶ ପରିଷଦ



ବସ୍ତା, ୭/୦୮ (ନି.ପ୍ର): ବସ୍ତା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ମାନସ ରଞ୍ଜନ ଦେଓ ଙ୍କୁ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ, ସମୋବାର ସମ୍ବର୍ଦ୍ଧିତ କରାଯାଇଅଛି । ବସ୍ତାଏସ ଡି ପିଓ କାର୍ଯ୍ୟାଳୟରେ ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ନେତୃତ୍ୱରେ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିକାଶ ପରିଷଦ ର ସଂପାଦକ କୁଳ ମହାନ୍ତ,ସାଧାରଣ ସଦସ୍ୟ କମଳାକାନ୍ତ ସାହୁ, ରବୀନ୍ଦ୍ର ବେହେରା, ପୂର୍ଣ୍ଣଦାଦା ତଥା ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ପ୍ରମୁଖ ଯୋଗଦେଇ ଏସଡିପିଓ ମାନସ ରଞ୍ଜନ ଦେଓଙ୍କୁ ଉତ୍ତରିୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ମଙ୍ଗଳବାର, ଅଗଷ୍ଟ ୦୮, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଉଠା ଜଳସେଚନ ପଏଣ୍ଟରେ ଟ୍ରାନ୍ସଫର୍ମର ବସା ଦାବୀରେ ଚାଷୀଙ୍କ ବିଦ୍ୟୁତ ଅଫିସ ଘେରାଓ

ଲଙ୍ଗଳେଶ୍ୱର,୭/୮(ନିପ୍ର) ବାଲିଆପାଳ ବ୍ଲକ ଅସ୍ତିପଞ୍ଚାୟତର ପାରଦୀପ ଉଠା ଜଳ ସେଚନ ପଏଣ୍ଟରେ ଟ୍ରାନ୍ସଫର୍ମର ଦାବୀରେ ସୋମବାର ପାରଦୀପା ଗ୍ରାମର ସମସ୍ତ ଚାଷୀ ମାନେ ମିଳିତ ହୋଇ ବିଦ୍ୟୁତ ଅଫିସ ଘେରାଓ କରିଥିଲେ। ଚାଷୀ ନେତା ଶରତ ପ୍ରଧାନ,ପ୍ରଶାନ୍ତ ପ୍ରଧାନ, ଅଶୋକ ନନ୍ଦୀ,କାହ୍ନୁ ପ୍ରଧାନ, ହାରାଧାନ ବେହେରା,ସାର୍ଥକ ବେହେରା,ଶତ୍ରୁ ଘନ ବେହେରା, ହେମନ୍ତ ପ୍ରଧାନ,ବଳରାମ ବେହେରା, ଦିବାକର ପ୍ରଧାନ,ଭାସ୍କର ପ୍ରଧାନଙ୍କ ସହିତ ବହୁ ଚାଷି ମାନେ ଦୀର୍ଘ ସମୟ ଧରି ବିଦ୍ୟୁତ ଅଫିସର ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନରେ ବସିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଜାମଶୁଳି ଏସଡିଓ ଆସି ବୁଝା ସୁଝା କରି ତୁରନ୍ତ ଟ୍ରାନ୍ସଫର୍ମର ସଂଯୋଗ କରାଯିବାର ପ୍ରତିଶ୍ରୁତି ପରେ ସଂପୃକ୍ତ ଚାଷୀ ମାନେ ଆନ୍ଦୋଳନରୁ ହଟିଥିଲେ।ପ୍ରକାଶ ଯେ ପାରଦୀପା ଗ୍ରାମର ଉଠା ଜଳ ଜଳ ସେଚନ ପଏଣ୍ଟ ର ଟ୍ରାନ୍ସଫର୍ମର ପୋଡିଯାଯିବା ଫଳରେ ବିଭାଗୀୟ ଅଧିକାରୀଙ୍କ ଦାବି ମୁତାବକ ଅର୍ଥ ଜମା କରିବା ପରେ ଦୀର୍ଘ ଦିନର ଅପେକ୍ଷା ପରେ ଯଦିବା ଟ୍ରାନ୍ସଫର୍ମର ଆସିଲା ମାତ୍ର ସଂଯୋଗ କରିବା ପାଇଁ ଅର୍ଥ ଦାବି କରି ଆଜି ବସିବା କାଲି ବସିବ ଟଙ୍କା ଜମା କର ଇତ୍ୟାଦି ଆଳ ଦେଖାଇ ଦିନ ଗଡାଇ ଚାଲିଥିଲେ।ଯାହା ଫଳରେ ଶେଷରେ କୌଣସି ଉପାୟ ନ ପାଇ ଆନ୍ଦୋଳନକୁ ଉହ୍ଲାଇଲେ ବୋଲି ଚାଷୀ ମାନେ କହିଛନ୍ତି।ତେବେ ମିଳିଥିବା ଖବର ଅନୁଯାୟୀ ଏସଡିଓଙ୍କ ଉପସ୍ଥିତ ରେ ଟ୍ରାନ୍ସଫର୍ମର ସଂଯୋଗ କରାଯାଇଥିବା ଚାଷୀ ମାନେ କହିଛନ୍ତି।



## ଜେଏସଡବ୍ଲ୍ୟୁ ଗ୍ରୁପର ପ୍ରତିଷ୍ଠାତା ସ୍ୱର୍ଗତ ଓ.ପି. ଜିନ୍ଦଲଙ୍କ ୯୩ ତମ ଜନ୍ମ ଜୟନ୍ତୀ ପାଳିତ



ପାରାଦୀପ , ୭/୦୮ (ନି.ପ୍ର): ଜେଏସଡ ବ୍ଲୁ ଗ୍ରୁପର ପ୍ରତିଷ୍ଠାତା ଓମ ପ୍ରକାଶ ଜିନ୍ଦଲଙ୍କର ଆଜି ୭୩ ତମ ଜନ୍ମ ଜୟନ୍ତୀ ପାରାଦୀପ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ଏହି ଅବସରରେ ଜେ ଏସ ଡ ବ୍ଲୁର ବରିଷ୍ଠ ଅଧିକାରୀ ଏନ୍ ପୁରୋହିତ,ଡି କେ ସିହ୍ନାଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ସ୍ୱର୍ଗତ ଓମ ପ୍ରକାଶ ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।୧୯୩୦ ମସିହା ଅଗଷ୍ଟ ୭ ତାରିଖରେ ହରିୟାଣାର ହିସାରର ଏକ ଗରୀବ କୃଷକଙ୍କ ଘରେ ଜନ୍ମ ଗ୍ରହଣ କରିଥିଲେ , ସେ ଜିନ୍ଦଲ ସଂଗଠନର ଫ୍ଲାଗସିପ୍ ଅଧୀନରେ ଏକ ସଫଳ ବ୍ୟବସାୟ ଉଦ୍ୟୋଗ ଜିନ୍ଦଲ ଷ୍ଟିଲ ଏବଂ ପାୱାର ପ୍ରତିଷ୍ଠା କରିବା ସହ ଏହାର ସେ ଅଧକ୍ଷ ଥିଲେ। ନଭେମ୍ବର ୨୦୦୪ ରେ, ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ଭାରତୀୟ ଇସ୍ପାତ ଶିଳ୍ପରେ ଉଲ୍ଲେଖନୀୟ ଅବଦାନ ପାଇଁ ଓମ ପ୍ରକାଶ ଜିନ୍ଦଲଙ୍କୁ 'ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଥିଲା। ସର୍ବଶେଷ ଫୋର୍ବସ୍ ତାଲିକା ଅନୁଯାୟୀ, ସେ ଧନୀ ଭାରତୀୟଙ୍କ ମଧ୍ୟରେ ୧୩ ତମ ସ୍ଥାନରେ ରହି ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ୫୪୮ ତମ ସ୍ଥାନରେ ରହିଥିଲେ। ସେ ଲଗାତାର ତିନିଥର ହରିୟାଣାର ହିସାର ବିଧାନସଭା ଆସନ ଜିତିଥିଲେ। ସେ ୧୯୯୬ ରୁ ୧୯୯୭ ପର୍ଯ୍ୟନ୍ତ ଖାଦ୍ୟ, ନାଗରିକ ଯୋଗାଣ ଏବଂ ଜନସାଧାରଣ ବଣ୍ଟନ କମିଟିର ସଦସ୍ୟ ମଧ୍ୟ ଥିଲେ। ଜିନ୍ଦଲ ଫେବୃଆରୀ ୨୦୦୫ ରେ ହରିୟାଣା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ମୃତ୍ୟୁ(୩୧ମାର୍ଚ୍ଚ ୨୦୦୫) ବେଳକୁ ହରିୟାଣା ସରକାରରେ ଶକ୍ତି ମନ୍ତ୍ରୀ ଥିଲେ। ସେ ଏନ.ସି ଜିନ୍ଦଲ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ଥିଲେ ସହ ଆଗ୍ରୋହା ବିକାଶ ଟ୍ରଷ୍ଟ ଏବଂ ଆଗ୍ରୋ ମେଡିକାଲ୍ କଲେଜର ପୃଷ୍ଠପୋଷକ ତଥା ଟ୍ରଷ୍ଟି । ଓ ପି ଜିନ୍ଦଲ ସାରା ଭାରତ ବର୍ଷରେ ଇସ୍ପାତ ଶିଳ୍ପ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ତାଙ୍କର ସେହି ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଆଜି ଜିନ୍ଦଲ ଗ୍ରୁପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି।

## ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର




ଭଦ୍ରକ, ୭/୦୮ (ନି.ପ୍ର): ଚଳିତ ମାସର ପ୍ରଥମ ସୋମବାରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୨୩ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୧୧୮ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଓ ୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ୫ଟି ସିଏମ.ଆର୍.ଏଫ୍ ଓ ୧ଟି ରେଡ଼କ୍ରସ ସମ୍ବନ୍ଧୀୟ ଅଭିଯୋଗ ଥିଲା । ସି.ଏମ୍.ଆର୍.ଏଫ୍‌ରୁ ବନ୍ତର ପଦ୍ମାବତୀ ପୁହାଣଙ୍କୁ ୧୦ହଜାର, ଉତୁକୁଡ଼ାର ସନ୍ଧ୍ୟାରାଣୀ ଘଡ଼ାଇଙ୍କୁ ୧୦ ହଜାର, ଜୟପୁର ତିହିଡ଼ିର ସୁକାନ୍ତ ମହାଳିକ୍‌ଙ୍କୁ ୫ ହଜାର, ପୁରୁଣାବଜାର, ଭଦ୍ରକର ସାହେଦ ସାହାଙ୍କୁ ୫ ହଜାର, ଦଇପୁରର ହରିହର ଜେନାଙ୍କୁ ୮ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ରେଡ଼କ୍ରସ୍ ପାଣ୍ଠିରୁ ବସନ୍ତ ଦାସଙ୍କୁ ମଧ୍ୟ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି । ସାମାଜିକ ସୁରକ୍ଷା ଯୋଜନାରେ ଦୃଷ୍ଟି ବାଧିତ ଥିବା ୨ଜଣ ଛାତ୍ରୀ ଓ ଦୁଇ ଜଣ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ପୀରହାଟ, ତିହିଡ଼ିର ଏମ୍.ବି.ଏ.ଛାତ୍ରୀ ଶୁଭଶ୍ରୀ ପାଢ଼ୀ, ପାଳିଆବିନ୍ଧାର ଯୁକ୍ତ ୩ କଳା ଛାତ୍ରୀ ଶ୍ରାବଣୀ ମଲ୍ଲିକ୍, ମଞ୍ଜୁରୀରୋଡ୍ ଭଣ୍ଡାରିପୋଖରୀ ପି.ଜି.ଛାତ୍ର କୀର୍ତ୍ତି କୁମାର ଖଣ୍ଡାଇ, ସାହୁପଡ଼ା ବନ୍ତର ଯୁକ୍ତ ୩ ବିଜ୍ଞାନ ଛାତ୍ର ଶମ୍ଭୁନାଥ ବେହେରା । ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ଥିଲେ ।

## ୧୭କୋଟି ୩୩ଲକ୍ଷ ଟଙ୍କା ବ୍ୟୟରେ ବଦଳିବ ବାରିପଦା ରେଳଷ୍ଟେସନର ରୂପରେଖ

ବାରିପଦା , ୭/୦୮ (ନି.ପ୍ର): ଅମୃତ ଯୋଜନାରେ ସାରା ଦେଶରେ ୫୦୮ଟି ରେଳ ଷ୍ଟେସନର ଉନ୍ନତି କରଣ ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭରଚୁଆଲ ମୋଡ଼ରେ ଶିଳାନ୍ୟାସ କରିବା ପରିପ୍ରେକ୍ଷିରେ ବାରିପଦା ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ବାରିପଦା ରେଳ ଷ୍ଟେସନ ପରିସରରେ ମଧ୍ୟ ଶିଳାନ୍ୟାସ କରିଛନ୍ତି । ଏଥି ସହିତ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରେଳ ରାଷ୍ଟ୍ରମନ୍ତ୍ରୀ ଏବଂ ଅନ୍ୟମାନେ ମଧ୍ୟ ଯୋଡି ହୋଇଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଅମୃତ ଭାରତ ଯୋଜନାରେ ବାରିପଦା ରେଳ ଷ୍ଟେସନର ଉନ୍ନତି କରଣ ପାଇଁ ୧୭ କୋଟି ୩୩ଲକ୍ଷ ଟଙ୍କା ବ୍ୟୟରେ ଉନ୍ନତିକରଣ ହେବ । ବାରିପଦା ଠାରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା ବୁଢାନ ମୁର୍ମୁ, ଖଡ଼ଗପୁର ଡିଭିଜନ ଡିଆରଏମ କେ ଆର ଚୌଧୁରୀ, ବରିଷ୍ଠ ଡିସିଏମ ଓମ ପ୍ରକାଶ ଚରଣ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ । ରାଜାରାଜୁଡା ଅମଳର ଉକ୍ତ ରେଳ ଷ୍ଟେସନ ବହୁ ବର୍ଷର ପୁରୁଣା ହୋଇଥିବା ବେଳେ ଷ୍ଟେସନ୍‌ର ରୂପରେଖ ବଦଳିବାକୁ ଯାଉଛି । ଅତ୍ୟାଧୁନିକ ଢାଞ୍ଚାରେ ବିଲଡିଂ ନିର୍ମାଣ ହେବ । ଯାତ୍ରୀମାନଙ୍କ ସୁବିଧା ସୁଯୋଗ ପାଇଁ ସମସ୍ତ ବ୍ୟବସ୍ଥା ରହିବ । ବାରିପଦା ରେଳ ଷ୍ଟେସନରେ ୧୨ମିଟର ଫୁଟ ଓଭରବ୍ରିଜ, ବିଦ୍ୟୁତ, ସିଗନାଲ ବ୍ୟବସ୍ଥା, ଆଲୋକୀକରଣ, ପାର୍କିଂ ଓ ସୌର ଶକ୍ତି ଆଦିର ବ୍ୟବସ୍ଥା ରହିବ । କାର୍ଯ୍ୟକ୍ରମ ଅବ୍ୟହତି ପୂର୍ବରୁ ଦେଶବୋଧାତ୍ମକ କାର୍ଯ୍ୟକ୍ରମ ଓ ପୂର୍ବରୁ ଆୟୋଜିତ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତାର କୃତି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର, ବାଦାମପାହାଡ ଓ ବେତନଟୀ ରେଳ ଷ୍ଟେସନ ମଧ୍ୟ ସାମିଲ ହୋଇଛି।

## ୮ମହାବିଦ୍ୟାଳୟ ରୂପାନ୍ତିକରଣ କାର୍ଯ୍ୟର ଭୁମିପୂଜା

ଖଇରା, ୭/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ଖଇରା ବ୍ଲକର ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟକୁ ୩କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ଏହି ଉଚ୍ଚ ବିଦ୍ୟାଳୟ ମହାବିଦ୍ୟାଳୟ ଗୁଡ଼ିକର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମେ ଅଗଣି ନରେନ୍ଦ୍ର ଉଚ୍ଚ୍ ମାଧ୍ୟମିକ ଓ ପରେ ପରେ କୁପାରୀ ର ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ, ଖଇରା ମହାବିଦ୍ୟାଳୟ, ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଶିଳାନ୍ୟାସ ପରେ ସାରଡାଙ୍ଗ ପଞ୍ଚାୟତ ଅଲିପୁର ଶ୍ୟାମରାଈ ସଂସ୍କୃତ ମହାବିଦ୍ୟାଳୟ ଓ କମଳାର୍ଜୁନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରର ଭୁମି ପୁଜନ କରିଥିଲେ । ଖଇରା ମହାବିଦ୍ୟାଳୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅରୁଣ କୁମାର ପାଢୀ,ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ଶତପଥି, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସଂସ୍କୃତ ମହାବିଦ୍ୟାଳୟ ଶିଳାନ୍ୟାସ ଉତ୍ସବରେ ଅଧ୍ୟକ୍ଷ ଶ୍ରୀଧର ପଣ୍ଡା,ପୂର୍ବତନ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ,କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**Tender Notice No. : ST-OT-Sig-Implantation Dt. 04.08.2023.** ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ୍ ସିଗନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (CO) / ଖଡ଼ଗପୁର - ୭୨୧ ୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରିଛନ୍ତି । ଏବଂ ସେହି କାର୍ଯ୍ୟ ପାଇଁ ଉଲ୍ଲେଖ କରାଯାଇଥିବା ତାରିଖ ୧୨.୦୦ଘଣ୍ଟା ପୂର୍ବରୁ ଟେଣ୍ଡର ଗ୍ରହଣ କରାଯାଇ ୧୨.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳବାଇର ଖଡ଼ଗପୁର ମଣ୍ଡଳରେ SOD 2004 ର ACS-30 ଅନୁଯାୟୀ S&Tର ଖଡ଼ଗପୁର ଡିଭିଜନରେ ସମସ୍ତ ସଙ୍କେତ ପାଇଁ ସିଗନାଲ୍ ଫାଉଣ୍ଡେସନ ପ୍ରତିରୋପଣର ଉନ୍ନତି ସହିତ S&T ର ଯୋଗାଣ, ସ୍ଥାପନ ଏବଂ କମିଶନ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ୭୦,୯୫,୨୧୦.୨୬** E.M.D: **୧,୪୧,୯୦୦/-** **ଟେଣ୍ଡର ପେପରର ମୂଲ୍ୟ: ନାହିଁ।** **ଖୋଲିବାର ତାରିଖ:** ୦୪.୦୯.୨୦୨୩ । **ସମାପ୍ତି ସମୟ: ୯ ମାସ। ଦାଖଲ ତାରିଖ:** ୦୪.୦୯.୨୦୨୩ ୧୨:୦୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀ www.ireps.gov.in କୁ ଯାଇ ପରିଦର୍ଶନ କରିବା ସହ ସମ୍ପୂର୍ଣ୍ଣ ବିବରଣୀ ସହ ଅନ୍‌ଲାଇନ୍‌ରେ ଟେଣ୍ଡର ପକାଇପାରିବେ । କୌଣସି ପରିସ୍ଥିତିରେ ମେନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.** : ଆଶାୟୀ ଟେଣ୍ଡରର୍ ମାନେ www.ireps.gov.in କୁ ଯାଇ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

(PR-481)



## ଶୁଭେଚ୍ଛା ଓ ଅଭିନନ୍ଦନ

ଧ୍ୱନି ପ୍ରତିଧ୍ୱନି ସମ୍ବାଦପତ୍ରର ୩୪ ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କାମନା କରୁଛି।

**ମାନସ କୁମାର ଦତ୍ତ**

ରାଜ୍ୟ ଉପସଭାପତି,ବିଜେପି ଯୁବମୋର୍ଚ୍ଚା, ବାଲେଶ୍ୱର

ଆଇ.ଟି.ଆଇ ନାମ ଲେଖା ଆରମ୍ଭ......

iTi
NDUSTRIAL TRAINING INSTITUTE

# ରାଇରଙ୍ଗପୁର ଆଇ.ଟି.ଆଇ

*Affiliated to*

**NCVT, Govt. Of India, New Delhi**

**Rairangpur, Mayurbhanj, Odisha**

**9777948962, 9437161240, 8144613417**

## ଭିନ୍ନକ୍ଷମଙ୍କୁ ସାଙ୍ଗରେ ଧରି ଉଦଳାରେ ଭିକ୍ଷାବୃତି କରୁଛନ୍ତି 'ଲିଜା'

ଉଦଳା , ୭/୦୮ (ନି.ପ୍ର): ଉଦଳା ସହର ମଧ୍ୟରେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସାଙ୍ଗରେ ଧରି ଏକ ୧୨ ବର୍ଷ ବୟସର ଶିଶୁ କନ୍ୟା ଘରକୁ ଘର ବୁଲି ଭିକ୍ଷା ବୃତି କରୁଥିବାର ଦୃଶ୍ୟ ଆଜି ଅଗଷ୍ଟ ୭ ତାରିଖ ସୋମବାର ଦିନ ହଠାତ ଦେଖିବାକୁ ମିଳିଲା । ଭିନ୍ନକ୍ଷମ ବ୍ୟକ୍ତି ଜଣକ ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ହରାଇ ବସିଛନ୍ତି, ସେ ଘର ସମ୍ମୁଖରେ ଛିଡ଼ା ହୋଇ ବଂଶି ବଜାଉଛନ୍ତି ଓ ସାଙ୍ଗରେ ଥିବା ଝିଅ ଭିକ୍ଷାଥାଳ ଧରି ଭିକ୍ଷା ମାଗୁଥିବାର ଦୃଶ୍ୟ ଦେଖିବାକୁ ମିଳିଲା । ପଚାରି ବୁଝିବାରୁ ଝିଅଟି ମୋର ନାମ ଲିଜା ସିଂ ବୋଲି କହିଲା । ତୁମର ଘର କେଉଁଠି ପଚାରିବାରୁ ସେ ଆମ ଘର ବାଲେଶ୍ୱର ଜିଲ୍ଲାର ବାହନଗା ବୋଲି ଜଣାଇବା ସହିତ ମୋର ବାପାଙ୍କ ନାମ କାର୍ତିକ ସିଂ ବୋଲି କହିଲା । ଭିନ୍ନକ୍ଷମ ବ୍ୟକ୍ତି ଜଣକ ତୁମର ସମ୍ପର୍କରେ କିଏ ହୁଅନ୍ତି ବୋଲି ପଚାରିବାରୁ ସେ ମୋର ବଡ଼ବାପା ବୋଲି ଉତର ଦେଲା । ପାଠ ପଢ଼ା କଥା ପଚାରିବାରୁ ସେ ଅଙ୍ଗନୱାଡ଼ି ପାସ କରିବା ପରେ ପାଠ ପଢ଼ା ଛାଡ଼ି ଦେଇଥିବାର ବ୍ୟକ୍ତ କରିଥିଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଥିବା ବେଳେ ଲିଜା ପରି ପିଲା ପାଠ ପଢ଼ା ଛାଡ଼ି ଭିକ୍ଷା ବୃତି କରିବା ସମସ୍ତଙ୍କୁ ଆଘାତ ଦେଇଛି । ଭିନ୍ନକ୍ଷମ ବଡ଼ବାପାଙ୍କୁ ସରକାର ଯୋଗାଇ ଦେଉଥିବା ସାହାଯ୍ୟ ପହଂଚି ପାରୁଛି କି ନାଁ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାଲେଶ୍ୱର ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଲିଜାର ପାଠ ପଢ଼ା ବ୍ୟବସ୍ଥା କରିବା ସହିତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମିଳୁଥିବା ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ୧୨ଶହରୁ ଉର୍ଦ୍ଧ୍ୱ କୁନି କାଉଡିଆଙ୍କ ଶୈବପୀଠରେ ଜଳାଭିଷେକ

ବସ୍ତା , ୭/୦୮ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ଜଳକା ପ୍ରଜେକ୍ଟ ପୁଡାପୋଡା ରେ ଶ୍ରାବଣ ମାସ ସମୋବାର ସକାଳ ୭ଟା ରେ ପୁଡାପୋଡା ଶାନ୍ତି କମିଟିର ସଭାପତି ଅଶୋକ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଜଳାଭି ଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ।ଶାନ୍ତି କମିଟିର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବିଜୟ କୁମାରଭୂୟାଁ, କମିଟିର ସଦସ୍ୟ ରାଜେସ ଗିରି. ଅରୁଣକୁମାର ଓଝା. ଗାନ୍ଧି ସାହୁ.ଦେବେନ୍ଦ୍ର ସେଠୀ.ବିଜୁଗିରି. ବିପ୍ଳବ ଭୂୟାଁ, ମୁନାଦାସ.କାହ୍ନୁ ଦାସ.ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ କୁନିକୁନି ପିଲା ମାନେ ମଥାନୀ ହୁଲି ପଡି ଆ ନିକଟରୁ ଜଳକାନଦୀରୁ ପାଣିଧରି ଶୌବପିଠ ସିଦ୍ଧେଶ୍ୱର.ବଟେଶ୍ୱର ଓ ତାଡକେଶ୍ୱର ୩ଟି ଶୌବ ପିଠରେ ପାଣିଢାଳି ଥିଲେ ।ବସ୍ତା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିବାବେଳେ ନଦୀରେ ବୁଡ ପକାଇବାସମୟରେ ୧୦ଜଣ ଯୁବକ ନଦୀରେ ଉପସ୍ଥିତଥିଲେ ।ଦିର୍ଘ ୨୦ବର୍ଷଧରି ଏହି କାର୍ଯ୍ୟକ୍ରମ ଚାଲୁ ରହି ଆସୁଛି । ପ୍ରତ୍ୟେକ କାଉଁଡିଆ ଙ୍କ ପାଇଁ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ଥିଲା।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo